ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net



ବାଲେଶ୍ୱର ❑ ମଙ୍ଗଳବାର ୧୦ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 February 2026

Vol.No. 36 ■ No.39 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଇଡ୍‌କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଉଷା ପାଢ଼ୀ

ଭୁବନେଶ୍ୱର , ୯/୨ (ନି.ପ୍ର): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ସୋମବାର ଓଡ଼ିଶା ଶିଳ୍ପ ଭିତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ । ଏହି ଆଲୋଚନାରେ ସଂସ୍କାର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଏବଂ ରାଜ୍ୟରେ ଶିଳ୍ପ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକ ସମୟରେ ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ ।

# ୟୁ’ ଟର୍ଣ୍ଣ ମାରିଲା ପାକିସ୍ତାନ: ଫେବୃଆରି ୧୫ରେ ଭାରତ ସହ ଖେଳିବ କ୍ରିକେଟ



ନୂଆଦିଲ୍ଲୀ,୯/୨ : ଟି୨୦ ବିଶ୍ୱକପ୍ ୨୦୨୬ରେ ଭାରତ ବିପକ୍ଷରେ ଖେଳିବା ପାଇଁ ପାକିସ୍ତାନ ରାଜି ହୋଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ୧୫ ଫେବ୍ରୁଆରିରେ ଶ୍ରୀଲଙ୍କାର କଲମ୍ବୋଠାରେ ଏହି ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବ । ଲାହୋରରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଏହି ନିଷ୍ପତ୍ତି ନେଇଛି । ଏହି ବୈଠକରେ ପାକିସ୍ତାନ ଏବଂ ବାଂଲାଦେଶ ଆଇସିସି ନିକଟରେ କିଛି ଦାବି ରଖିଥିଲେ, ଯେଉଁଥିରୁ କିଛି ଦାବିକୁ ଗ୍ରହଣ କରାଯାଇଛି । ଟି୨୦ ବିଶ୍ୱକପ୍ ୨୦୨୬ରୁ ବାଂଲାଦେଶ ବାଦ୍ ପଡ଼ିବା ପରେ, ତାଙ୍କୁ କ୍ଷତିପୂରଣ ଦେବା ପାଇଁ ଲାହୋର ବୈଠକରେ ଦାବି ହୋଇଥିଲା । ଏଥିରେ ଆଇସିସି ସହମତି ପ୍ରକାଶ କରିଛି । କ୍ଷତିପୂରଣ ସ୍ୱରୂପ ବାଂଲାଦେଶକୁ ଅଣ୍ଡର-୧୯ ବିଶ୍ୱକପ୍ ଏବଂ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଆୟୋଜନ ଭାର ମିଳିପାରେ । ଅନ୍ୟପଟେ, ପାକିସ୍ତାନ ଆଇସିସି ରାଜସ୍ୱରେ ନିଜର ଅଂଶଧନ ବଢ଼ାଇବାକୁ ଦାବି କରିଛି । ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଆଇସିସି ରାଜସ୍ୱରେ ପାକିସ୍ତାନର ଅଂଶ ୫.୭୫ ପ୍ରତିଶତ ଅଛି, ଯାହା ପ୍ରାୟ ୩୪-୩୫ ମିଲିୟନ୍ ଆମେରିକୀୟ ଡଲାର । ଆଇସିସି ଏହି ଦାବି ଉପରେ ବିଚାର କରିବ ବୋଲି ପ୍ରତିଶ୍ରୁତି ଦେଇଛି । ୨୦୦୮ ପରଠାରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଇ ନାହିଁ । ପାକିସ୍ତାନ ଏହାକୁ ପୁଣି ଆରମ୍ଭ କରିବାକୁ ଦାବି କରିଥିଲେ ମଧ୍ୟ ଆଇସିସି ଏହାକୁ ପ୍ରତ୍ୟାଖ୍ୟାନ କରିଛି । ଆଇସିସି ସ୍ପଷ୍ଟ କରିଛି ଯେ ଦୁଇ ଦେଶ ମଧ୍ୟରେ ସିରିଜ୍ କରାଇବା ତାଙ୍କର ଅଧିକାର କ୍ଷେତ୍ରରେ ନାହିଁ । ଟି୨୦ ବିଶ୍ୱକପ୍ ୨୦୨୬ରେ ଭାରତ-ପାକିସ୍ତାନ ମ୍ୟାଚ୍ ’ହାଇବ୍ରିଡ୍ ମଡେଲ’ ଅନୁଯାୟୀ ଏକ ନ୍ୟୁଟ୍ରାଲ୍ ଭେନ୍ୟୁ (ଶ୍ରୀଲଙ୍କା)ରେ ଖେଳାଯିବ । ଚାମ୍ପିଅନ୍ସ ଟ୍ରଫି ୨୦୨୫ ସମୟରେ ଉଭୟ ବୋର୍ଡ ଏହି ମଡେଲ୍ ଉପରେ ସହମତି ପ୍ରକାଶ କରିଥିଲେ । ସେବେଠାରୁ ଭାରତ-ପାକିସ୍ତାନ ମ୍ୟାଚ୍ ନିରପେକ୍ଷ ସ୍ଥାନରେ ଖେଳାଯାଉଛି ।

## ପୁଣି ମହାପ୍ରସାଦକୁ ଅପମାନ



ପୁରୀ, ୯/୨ (ନି.ପ୍ର): ଡାଇନିଂ ଟେବୁଲରେ ବସି ମହାପ୍ରଭୁଙ୍କ ମହାପ୍ରସାଦ ସେବନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପୁରୀର ଏକ ହୋଟେଲରେ ବଙ୍ଗୀୟ ପର୍ଯ୍ୟଟକ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଘଟଣା ଜଗନ୍ନାଥ ପ୍ରେମୀଙ୍କୁ ଘୋର ଆଘାତ ଦେଇଛି । କେବଳ ଏତିକି ନୁହେଁ ଚପଲ ପିନ୍ଧି ଏହାକୁ ସେବନ କରିବାକୁ ନେଇ ମଧ୍ୟ ଉଦବେଗ ପ୍ରକାଶ ପାଇଛି । ଏହା ସହ ହୋଟେଲ କର୍ମଚାରୀଙ୍କ କାର୍ଯ୍ୟକଳାପକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମହାପ୍ରଭୁଙ୍କ ମହାପ୍ରସାଦ ଭୋଜନ ପାଇଁ କିଛି ବିଧି ଓ ନିୟମ ରହିଛି । ମାତ୍ର ଏହାକୁ ଅନେକ ସ୍ଥଳରେ ପାଳନ କରାଯାଉନଥିବା ଦେଖିବାକୁ ମିଳୁଛି । ମହାପ୍ରସାଦ ପ୍ରତି ଅସମ୍ମାନ କରାଯାଇଥିବା ଘଟଣା ସାମନାକୁ ଆସିଛି । ଏକ ହୋଟେଲର ଡାଇନିଂ ଟେବୁଲରେ କିଛି ପର୍ଯ୍ୟଟକ ମହାପ୍ରସାଦ ସେବନ କରିବା ଚିତ୍ର ଲୋକଲୋଚନକୁ ଆସିଛି । ଏହି ଘଟଣାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ । ଭୂମିରେ ବସି ମହାପ୍ରସାଦ ସେବନର ବିଧି ଅନାଦି କାଳରୁ ରହିଆସିଛି । ତେଣୁ ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରିବା ଭଳି ପରମ୍ପରା ବିରୋଧୀ କାମରୁ ଦୂରେଇବା ଆବଶ୍ୟକତା ରହିଛି । ହୋଟେଲଗୁଡ଼ିକ ମଧ୍ୟ ଏ ଦିଗରେ ଦୃଷ୍ଟି ଦେବା ସହ ନିଜ ଅତିଥିଙ୍କୁ ଏଭଳି କାମରୁ ◆◆ପୃଷ୍ଠା ୭

## ଧାନ ସବ୍‌ସିଡିକୁ କେନ୍ଦ୍ର କଣ୍ଟା: ଚାଷୀ ଆଶଙ୍କାରେ, ସରକାର ଚିନ୍ତାରେ



ଭୁବନେଶ୍ୱର, ୯/୨ (ନି.ପ୍ର): ଧାନ ବିକିଲେ ଓଡ଼ିଶାରେ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଛି ୮୦୦ ଟଙ୍କାର ଅତିରିକ୍ତ ଇନପୁଟ୍ ସହାୟତା । କେବଳ ଓଡ଼ିଶା ନୁହେଁ କିଛି ରାଜ୍ୟର ଚାଷୀ ମଧ୍ୟ ଅତିରିକ୍ତ ଇନପୁଟ୍ ସହାୟତାର ଲାଭାର୍ଥୀ । ହେଲେ କେନ୍ଦ୍ରର ରାଡାରରେ ଆସିଛି ରାଜ୍ୟ ଦେଉଥିବା ଅତିରିକ୍ତ ଇନପୁଟ୍ ସହାୟତା । ଧାନ ଓ ଗହମରେ ମିଳୁଥିବା ଏହି ସହାୟତା ଅନ୍ୟ ଚାଷକୁ ଭୟଙ୍କର ଭାବେ ପ୍ରଭାବିତ କରୁଥିବାର ଜାଣିବା ପରେ କେନ୍ଦ୍ରର ଚିଠି ଚାଷୀଙ୍କ ଚିନ୍ତା ବଢ଼ାଇଛି । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଧାନ ଉପରେ ୮୦୦ ଟଙ୍କାର ଇନପୁଟ୍ ସହାୟତା ଘୋଷଣା କରି ଚାଷୀକୂଳକୁ ଖୁସି କରି ଦେଇଥିଲେ । ଯାହାର ପ୍ରଭାବ ଚାଷ ଜମିରେ ଦେଖିବାକୁ ମିଳିଥିଲା । ୮୦୦ ଟଙ୍କା ପାଇଁ ବର୍ଷକରେ ଧାନ ଚାଷ ୨୦ ଲକ୍ଷ ମେଟ୍ରିକ ଟନ୍ ଅଧିକ ବୃଦ୍ଧି ପାଇଥିଲା । ସେହିଭଳି ଉତ୍ପାଦନ ସଙ୍କଟ ଦୂର କରିବାକୁ ଏମ୍‌ଏସ୍‌ପି ବାଦ୍ ଧାନ ଓ ଗହମ ଉପରେ ଚାଷୀଙ୍କୁ କେରଳ ଦେଉଥିଲା ଅତିରିକ୍ତ ସହାୟତା । ଅନ୍ୟ କିଛି ରାଜ୍ୟ ମଧ୍ୟ ସମାନ ପନ୍ଥା ଆପଣାଇଥିଲେ । ହେଲେ ଏବେ ଏହାର ତର୍ଜମା କରି ଧାନ ଓ ଗହମ ଉପରେ ଅତିରିକ୍ତ ସହାୟତା ରାଶି ବନ୍ଦ ପାଇଁ ପଦକ୍ଷେପ ନେବାକୁ କେରଳ ସରକାରକୁ ଚିଠି କରିଛି କେନ୍ଦ୍ର । କେରଳକୁ କେନ୍ଦ୍ର ଲେଖିଥିବା ଏହି ଚିଠି ଓଡ଼ିଶା ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି । ଅତିରିକ୍ତ ସହାୟତା ପାଇଁ ଧାନ ଓ ଗହମ ଚାଷ ଅହେତୁକ ଭାବେ ବୃଦ୍ଧି ପାଉଛି । ଅନ୍ୟ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ । ଡାଲି, ଶସ୍ୟ, ମିଲେଟ୍ ଓ ପନିପରିବା ଚାଷ ହ୍ରାସ ପାଉଛି । ତେଣୁ ବିବିଧ ଚାଷକୁ ପୋତ୍ସାହିତ କରିବାକୁ କେନ୍ଦ୍ର ଏଭଳି ପଦକ୍ଷେପ ନେବାକୁ ପରାମର୍ଶ ଦେଇଛି । ଅନ୍ୟପଟେ ବିବିଧ ଚାଷକୁ ଆପଣାଇ ଓଡ଼ିଶାର ଚାଷୀ କ୍ଷତି ସହୁଛନ୍ତି । ତେଣୁ କେନ୍ଦ୍ର ରଖୁଥିବା ଏହି ଫର୍ମୁଲା ଆପଣାଇ କେମିତି ଲାଭବାନ ହେବେ ଓଡ଼ିଶାର ଚାଷୀ ? ଅତିରିକ୍ତ ଇନପୁଟ୍ ସହାୟତା ବିନା କେମିତି ଦୁଇଗୁଣା ହେବ ଚାଷୀଙ୍କ ଆୟ ? ବିବିଧ ଚାଷ ପାଇଁ ଓଡ଼ିଶାରେ ସବୁ ସ୍ଥାନରେ ଅନୁକୂଳ ପାଣିପାଗ ନାହିଁ । ଭିତ୍ତିଭୂମିର ଅଭାବ ମଧ୍ୟ ବିବିଧ ଚାଷ ନକରିବାର ବଡ କାରଣ । ଏଭଳିସ୍ଥଳେ ଚାଷୀ କରିବ ତ କରିବ କଣ ?

## ରାଜ୍ୟସଭା ନିର୍ବାଚନ: ନବୀନଙ୍କ ପାଇଁ ଅଗ୍ନିପରୀକ୍ଷା, ସମୟ ମାଗି ଭକ୍ତ ନିରାଶ, ନିରବ ବିଜେଡି ସୁପ୍ରିମୋ



ଭୁବନେଶ୍ୱର, ୯/୨ (ନି.ପ୍ର): ରାଜ୍ୟସଭା ନିର୍ବାଚନକୁ ନେଇ ୩ ଦଳ କମର କସିଲେଣି । ସଂଖ୍ୟା ନଥାଇ ମଧ୍ୟ ରାଜ୍ୟସଭା ମୈଦାନକୁ ଓହ୍ଲାଇବାକୁ କଂଗ୍ରେସ ମନ ବଳାଇଛି । ଅନ୍ୟପଟେ ସଂଖ୍ୟା ନଥିବା ଜାଣିବା ପରେ ବି ବିଜେପି ଓ ବିଜେଡି ଚତୁର୍ଥ ଆସନ ହାତେଇବା ପାଇଁ ଦମ୍ଭ ଦେଖାଉଛନ୍ତି । ଭିତିରି ରଣନୀତି ଭିତରେ ନବୀନଙ୍କ କୋର୍ଟକୁ ଭକ୍ତ ଫିଙ୍ଗିଥିବା ଗୁଗଲି ସେତେଟା ପ୍ରଭାବୀ ହୋଇନି । ଅନ୍ୟପଟେ ନବୀନଙ୍କ ନୀରବତା ରାଜ୍ୟସଭା ନିର୍ବାଚନକୁ ଆହୁରି ରୋଚକ କଲାଣି । ରାଜ୍ୟସଭା ନିର୍ବାଚନ ନେଇ ସସପେନ୍ସ ବଢିଲାଣି । କିଏ ହେବ ଦଳୀୟ ପ୍ରାର୍ଥୀ, ଚତୁର୍ଥ ଆସନର ଚେହେରା କିଏ ? କାହାକୁ କିଏ ଦେବ ସମର୍ଥନ ? କିଛି ଏଭଳି ଅଛିଣ୍ଡା ପ୍ରଶ୍ନ ରାଜ୍ୟସଭା ନିର୍ବାଚନ ଚାରିପାଖେ ଘୁରିବୁଲୁଛି । ଏହା ଭିତରେ ଭକ୍ତ ପକାଇଥିବା ଗୁଗଲିକୁ ଅତି ସର୍ତକତାର ସହ ପ୍ରତିହତ କରିଛନ୍ତି ବିଜେଡି ସୁପ୍ରିମୋ । ରାଜ୍ୟସଭା ନିର୍ବାଚନରେ ମିଳିତ ପ୍ରାର୍ଥୀ ନେଇ ନବୀନଙ୍କ ସହ ଆଲୋଚନା କରିବାକୁ ◆◆ପୃଷ୍ଠା ୭

## ସପ୍ତାହ ପରେ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା: ଏଆଇ ନଜରରେ ରହିବ ପରିଚାଳନା ହବ୍

ଭୁବନେଶ୍ୱର, ୯/୨ (ନି.ପ୍ର): ଆସନ୍ତା ୧୮ତାରିଖରୁ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା । ୧୯ରେ ହେବ ହେବ ମାଟ୍ରିକ ପରୀକ୍ଷା । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ପ୍ରଶ୍ନପତ୍ରକୁ ସୁରକ୍ଷା ବଳୟ ଭିତରେ ରଖିବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ତଥାପି ତ୍ରୁଟି ଶୂନ୍ୟ ପରୀକ୍ଷା ହେବା ନେଇ ଲକ୍ଷ ଲକ୍ଷ ଅଭିଭାବକ, ୧୦ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶଙ୍କା ଲାଗି ରହିଛି । ପାଖେଇ ଆସୁଛି ଛାତ୍ର ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଦଶମ ଓ +୨ ପରୀକ୍ଷା । ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି । ପରୀକ୍ଷା ସୁପରିଚାଳନା ପାଇଁ ବୋର୍ଡ ଓ କାଉନସିଲ୍ ପକ୍ଷରୁ ନିଆଯାଇଛି ବିଭିନ୍ନ ପଦକ୍ଷେପ । ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ◆◆ପୃଷ୍ଠା ୭

## ଚକୋଲେଟ୍ ଡେ’ରେ ରାଜଧାନୀରେ ବୀଭତ୍ସ ହତ୍ୟା–

ଭୁବନେଶ୍ୱର, ୯/୨ (ନି.ପ୍ର): ଚାଲିଛି ପ୍ରେମ ସପ୍ତାହ । ପ୍ରତିଟି ଦିନକୁ ସ୍ମରଣୀୟ ପାଇଁ ପ୍ରେମିକ ପ୍ରେମିକାଙ୍କୁ ଦେଉଛନ୍ତି ସରପ୍ରାଇଜ୍ । ଆଉ ଏ ସରପ୍ରାଇଜ୍‌ରୁ ରାଜଧାନୀରେ ଘଟିଛି ଜଘଣ୍ୟ ହତ୍ୟାକାଣ୍ଡ । ଇଏ ଏମିତି ଏକ ହତ୍ୟାକାଣ୍ଡ ଯେଉଁଥିରେ ପ୍ରେମ ସଂପର୍କରୁ ଭରସା ଉଠିଯିବ । ତ୍ରିକୋଣୀୟ ପ୍ରେମରୁ ରାଜଧାନୀରେ ହୋଇଛି ଛାତିଥରା ହତ୍ୟାକାଣ୍ଡ । ସତ୍ୟବ୍ରତ ପ୍ରଧାନ । ଘର- ବ୍ରହ୍ମଗିରି ହାସିନିପୁରରେ । ରାଜଧାନୀରେ ଗାଡ଼ି ଚାଳକ ଭାବେ କରୁଥିଲେ କାମ । ଶୈଳଶ୍ରୀ ବିହାରର ସାଇ ମନ୍ଦିର ପାଖରୁ ମିଳିଛି ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ । ଦିନେଶ ନାମକ ଜଣେ ଯୁବକ ତାଙ୍କ ତଣ୍ଟିରେ ଛୁରି ଭୁସି ଭୁସି ହତ୍ୟା କରିଛନ୍ତି । ଦିନେଶ ହେଉଛନ୍ତି ସତ୍ୟବ୍ରତଙ୍କ ପ୍ରେମିକାର ଆଉ ଜଣେ ପ୍ରେମିକ । ପ୍ରେମିକା ଆଗରେ ହିଁ ଜଣେ ପ୍ରେମିକ ଆଉ ଜଣେ ପ୍ରେମିକକୁ ହତ୍ୟା କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଦିନେଶ ଓ ପ୍ରେମିକା ଲିଭ୍‌ଇନ୍‌ରେ ଗତ ୭ ମାସ ହେବ ରହିଆସୁଥିଲେ । ଗତକାଲି ପ୍ରପୋଜ୍ ଡେ ଥିବାରୁ ପ୍ରେମିକା ଜଣକ ଦିନେଶଙ୍କ ଅନୁପସ୍ଥିତିରେ ସତ୍ୟବ୍ରତଙ୍କ ସହ ସେଲିବ୍ରେସନ ପାଇଁ ଲାଗିପଡ଼ିଥିଲେ । ◆◆ପୃଷ୍ଠା ୭

## ବେଙ୍ଗଲକୁ ସତର୍କ କରାଇଲେ: ସମୟସୀମା ସପ୍ତାହେ ବଢ଼ାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୯/୨ : ସ୍ପେଶାଲ ଇଣ୍ଟେନସିଭ ରିଭିଜନ(ଏସ୍‌ଆଇଆର) ବା ଭୋଟ ତାଲିକା ସଂଶୋଧନ ପ୍ରସଙ୍ଗରେ ପଶ୍ଚିମବଙ୍ଗ ସରକାରଙ୍କୁ ସତର୍କ କରାଇଛନ୍ତି ସୁପ୍ରିମକୋର୍ଟ । ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକ ବା ବାଧାକୁ କେବେ ହେଲେ ସହ୍ୟ କରାଯିବ ନାହିଁ । କିନ୍ତୁ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ସମସ୍ୟାକୁ ନିଶ୍ଚିତ ଭାବେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ଏଥିସହ ବେଙ୍ଗଲ ଏସ୍‌ଆଇଆର ପ୍ରକ୍ରିୟାକୁ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି । ◆◆ପୃଷ୍ଠା ୭

## ରାହୁଲଙ୍କୁ କହିବାକୁ ନ ଦେବା ଅଭିଯୋଗ : ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିରୋଧୀ ହେଉଛନ୍ତି ପ୍ରସ୍ତୁତ



ନୂଆଦିଲ୍ଲୀ,୯/୨ : ସଂସଦର ବଜେଟ ଅଧିବେଶନରେ ଶାସକ ଦଳ ଓ ବିରୋଧୀ ଦଳ ମଧ୍ୟରେ ଚାଲିଥିବା ବିବାଦ ଏବେ ଏକ ବଡ଼ ମୁହାଁମୁହିଁ ସ୍ଥିତିକୁ ଆସିଛି । ବିରୋଧୀ ଦଳଗୁଡ଼ିକ ଏକଜୁଟ୍ ହୋଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଛନ୍ତି । ସୂତ୍ର ଅନୁସାରେ, ବିରୋଧୀ ଦଳଗୁଡ଼ିକ ଅସନ୍ତୋଷ ପ୍ରକାଶ କହିଛନ୍ତି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଗୃହରେ କହିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଉନାହିଁ । ଏହି ପ୍ରସ୍ତାବ ଉପରେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏନେଇ ସହମତି ହୋଇଛି । ସଦସ୍ୟମାନଙ୍କ ସ୍ୱାକ୍ଷରକୁ ଅପେକ୍ଷା କରାଯାଇଛି । ଯଦିଓ କୌଣସି ଦଳ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଏହା ସାର୍ବଜନୀନ ଭାବରେ ଘୋଷଣା କରିନାହାନ୍ତି । ତଥାପି ଗୃହ ମଧ୍ୟରେ ବିରୋଧୀ ସାଂସଦମାନଙ୍କ ଆକ୍ରମଣାତ୍ମକ ମନୋଭାବ ସ୍ପଷ୍ଟ ଭାବରେ ଏହା ସୂଚାଇ ଦେଉଛି ବୋଲି କିଛି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି । ସୋମବାର ବଜେଟ ଅଧିବେଶନର ନବମ ଦିନ ପ୍ରବଳ ହଟ୍ଟଗୋଳ ସହିତ ଆରମ୍ଭ ହୋଇଥିଲା । ବାଚସ୍ପତି ଓମ୍ ବିର୍ଲା ପ୍ରଥମେ ଭାରତୀୟ ଦଳକୁ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଜିତିବା ପାଇଁ ଅଭିନନ୍ଦନ ଜଣାଇଥିଲେ । ଯାହାକୁ ସମସ୍ତ ସଦସ୍ୟଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା । ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାକୁ ଦେବା ନେଇ ଦାବି କରିବା ଆରମ୍ଭ କରିଥିଲେ । ହଟ୍ଟଗୋଳ ଏତେ ବୃଦ୍ଧି ପାଇଥିଲା ଯେ, ଗୃହ ଆରମ୍ଭ ହେବାର ମାତ୍ର ପାଞ୍ଚ ମିନିଟ୍ ପରେ, ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପଡିଥିଲା । ବିରୋଧୀ ଦଳ ଅଭିଯୋଗ କରିଛନ୍ତି, ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କହିବାରୁ ବାରଣ କରାଯାଉଛି । ଅପରପକ୍ଷରେ ଶାସକ ଦଳ ଦାବି କରୁଛି, ବିରୋଧୀ ଦଳ ଯୋଜନାବଦ୍ଧ ଭାବରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି । ହଟ୍ଟଗୋଳ ମଧ୍ୟରେ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିରୋଧୀ ସାଂସଦମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ । ସେ ସ୍ପଷ୍ଟ କରିଥିଲେ ଯେ, ପ୍ରଶ୍ନକାଳ ସମୟରେ କେବଳ ପ୍ରଶ୍ନ ପଚରାଯାଏ ଓ ଅନ୍ୟ କୌଣସି ପ୍ରସଙ୍ଗକୁ ଅନୁମତି ଦିଆଯାଏ ନାହିଁ । ସେ ଆବେଦନ କରିଥିଲେ, ପ୍ରଶ୍ନକାଳ ସାଂସଦମାନଙ୍କର ନିଜସ୍ୱ ସମୟ ଓ ଏହାକୁ ବାଧାପ୍ରାପ୍ତ କରାଯିବା ଉଚିତ ନୁହେଁ । ◆◆ପୃଷ୍ଠା ୭

## କଂଗ୍ରେସ ଟିକେଟରୁ ଜଟଣୀରୁ ଲଢ଼ିବେ ସୁର !

ଭୁବନେଶ୍ୱର, ୯/୨ (ନି.ପ୍ର): ପୁଣି ମୈଦାନକୁ ଓଲ୍‌ହାଇବେ ସୁର । ଜଟଣୀରୁ ନିର୍ବାଚନ ଲଢ଼ିବା ନେଇ ଦେଲେ ସଂକେତ । କଂଗ୍ରେସ ଟିକେଟରୁ ଜଟଣୀରୁ ଲଢ଼ିବେ ସୁର । ଲୋକ ଚାହିଁଲେ ଲଢ଼ିବି ବୋଲି କହିଛନ୍ତି ସୁରେଶ କୁମାର ରାଉତରାୟ । ମୁଁ ଛାଡି ଦେଇଥିଲି ବୋଲି ଏଥର କଂଗ୍ରେସ ଜଟଣୀରେ ହାରିଲା । ଏଥର ଜଟଣୀରେ କଂଗ୍ରେସ ଆସିବ । ଲୋକଙ୍କ ସହ ମିଶୁଛୁ । ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଛି । ଆମ ପାଖରେ ଶକ୍ତି, ସଂଗଠନ, ପଇସା ଅଛି ଲଢ଼ିବୁ ଜିତିବୁ ବୋଲି ସୁର ରାଉତରାୟ କହିଛନ୍ତି ।

# ତର୍ଜୁମାନ ନ୍ୟୁଜ୍ ଟାଇମ୍ ପକ୍ଷରୁ ଅଲ୍ ଇଣ୍ଡିଆ ଅନ୍‌ଲାଇନ୍ ନାତିଆ ପ୍ରତିଯୋଗିତା ସିଜନ-୭ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୯/୨ (ନି.ପ୍ର): ପ୍ରତିବର୍ଷର ଭଳି ଏବର୍ଷ ମଧ୍ୟ ତର୍ଜୁମାନ ନ୍ୟୁଜ୍ ଟାଇମ୍ ପକ୍ଷରୁ ଅଲ୍ ଇଣ୍ଡିଆ ଅନ୍‌ଲାଇନ୍ ନାତିଆ ପ୍ରତିଯୋଗିତାର ଭବ୍ୟ ଆୟୋଜନ କରାଯାଉଛି। ଏହି ପବିତ୍ର ପରମ୍ପରାର ଆରମ୍ଭ ୨୦୨୦ ମସିହାରେ ପବିତ୍ର ରମଜାନ ମାସରେ ହୋଇଥିଲା। ଯାହା ଆଲହାମଦୁଲିଲ୍ଲାହ ଅବିରତ ସଫଳତା ସହିତ ଚାଲିଆସୁଛି। ଏହି ବର୍ଷ ଏହି ପ୍ରତିଯୋଗିତା ସପ୍ତମ ବର୍ଷରେ ପ୍ରବେଶ କରୁଛି। ଯାହାକୁ ଅଲ୍ ଇଣ୍ଡିଆ ଅନ୍‌ଲାଇନ୍ ନାତିଆ ପ୍ରତିଯୋଗିତା ସିଜନ-୭ ନାମ ଦିଆଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ବାଲେଶ୍ୱରର ଖ୍ୱାଜା ନିକାହ ମହଲରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାକୁ ସଂସ୍ଥାର ଏଡିଟର-ଇନ-ଚିଫ୍ ଅଜିମ ବାଲେଶ୍ୱରୀ ନେତୃତ୍ୱ ଦେଇଥିଲେ ଏବଂ ସଭାର ଅଧ୍ୟକ୍ଷତା ଉର୍ଦ୍ଦୁ ଲେକ୍ଚରାର ମହୋଦୟା ରୁକିୟା ଜମାଲ କରିଥିଲେ। ସଭାର ଆରମ୍ଭ ସିରାଜ ରଜା ସୈଫିଙ୍କ ନାତ୍ ପାଠ ସହିତ ହୋଇଥିଲା। ଯେଉଁଠାରେ ଆନିସା ଖାତୁନ ପ୍ରାରମ୍ଭିକ ଉଦ୍‌ବୋଧନ ପ୍ରଦାନ କରିଥିଲେ। ପ୍ରସ୍ତୁତି ବୈଠକରେ ଇନ୍ତେଖାବ ଅଲି ଖାନ, କାଉନସିଲର ଶେଖ ଆୟୁବ, ମାଷ୍ଟର ସାଦିକ, ଗଗନ କୁମାର ସେଠି, ସଲିମ ସବାଶାହ, ସୟୈଦ ନସିମ ଆହମଦ ରଜା, ଅବ୍ଦୁଲ ମୋକିମ ଖାନ, ମାଷ୍ଟର ଶେଖ ଶରଫୁଦ୍ଦିନ, ମହମ୍ମଦ ସଲାମୁଲ୍ଲାହ, ମହମ୍ମଦ ଫିରୋଜ ହୁସେନ, ହାଜି ୟୁସୁଫ, ହାଜି ସଦିରୁଦ୍ଦିନ, ହାଜି ମୁଖ୍‌ତାର ଖାନ, ଶମ୍ସୁଦ୍ଦିନ କାଦ୍ରୀ, ଶୁବାସ ସଓ୍ୱାଇଁ, ଅବୁ ଫୈଜ କାଦ୍ରୀ ଏବଂ ରାଜୁ ହୁସେନ ଉପସ୍ଥିତ ଥିଲେ। ସଭାରେ ପ୍ରତିଯୋଗିତାର ବ୍ୟବସ୍ଥାପନା, ଭାଗ ନେବାର ନିୟମ ଓ ନିୟମାବଳୀ, ପ୍ରଚାର ରଣନୀତି ଏବଂ ନ୍ୟାୟାଧୀଶ ଚୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବକ୍ତାମାନେ କହିଥିଲେ ଯେ ଏହି ଅଲ୍ ଇଣ୍ଡିଆ ଅନ୍‌ଲାଇନ୍ ନାତିଆ




ପ୍ରତିଯୋଗିତା ନୂତନ ପିଢ଼ି ମଧ୍ୟରେ ନାତ୍ ପାଠର ରୁଚିକୁ ବଢ଼ାଇବା ସହିତ ଶିଶୁ ଓ ଯୁବମାନଙ୍କୁ ଧାର୍ମିକ ଓ ନୈତିକ ମୂଲ୍ୟବୋଧ ସହିତ ଯୋଡ଼ିବାରେ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଉଠିଛି। ସଭାରେ ଜଣାଯାଇଥିଲା ଯେ ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୧୬ ମାର୍ଚ୍ଚ ମଧ୍ୟରେ ଶୁଦ୍ଧ ନାତ୍ ଉପରେ ଆଧାରିତ ଏକ ମତ୍ଲା ଏବଂ ଦୁଇଟି ଶେର, ସ୍ପଷ୍ଟ ଧ୍ୱନିରେ, ୨ ମିନିଟ ୫୦ ସେକେଣ୍ଡର ଭିଡିଓ କ୍ଲିପ୍ ତିଆରି କରି ଦିଆଯାଇଥିବା ହ୍ୱାଟସ୍‌ଆପ୍ ନମ୍ବର ୯୦୪୦୦୬୭୯୧୯ କୁ ପଠାଇବେ। ଭିଡିଓଟି ଲ୍ୟାଣ୍ଡସ୍କେପ୍ ଫର୍ମାଟରେ ହେବା ଆବଶ୍ୟକ। ପ୍ରତିଯୋଗିତାରେ ୫ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ତିନୋଟି ବିଭାଗରେ ବିଭକ୍ତ କରାଯାଇଛି। ଏହାଛଡ଼ା ୧୯ ବର୍ଷରୁ ଅଧିକ ବୟସ୍କ ପୁରୁଷ ଓ ମହିଳାମାନେ ମଧ୍ୟ ଭାଗ ନେଇପାରିବେ, ଯାହାଙ୍କ ପାଇଁ ଅଲଗା ସୁପର ସିନିଅର ଗ୍ରୁପ୍ ରଖାଯାଇଛି। ସଭାରେ ପୁରସ୍କାର ସମ୍ପର୍କିତ ବିବରଣୀ ମଧ୍ୟ ଦିଆଯାଇଥିଲା। ବିଭିନ୍ନ ବିଭାଗ ପାଇଁ ନଗଦ ପୁରସ୍କାର ରଖାଯାଇଛି। ଯେଉଁଠାରେ ସୁପର ସିନିଅର ଗ୍ରୁପ୍‌ର ବିଜେତାମାନଙ୍କୁ ବିଶେଷ ସମ୍ମାନ ଦିଆଯିବ। ଏହାସହିତ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଶିଶୁଙ୍କୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯିବ। ସଭାରେ ଉପସ୍ଥିତ ଗରିମାମୟ ଅତିଥି ଓ ସଭ୍ୟମାନେ ତର୍ଜୁମାନ ନ୍ୟୁଜ୍ ଟାଇମ୍‌ର ଏହି ପବିତ୍ର ପ୍ରୟାସକୁ ସ୍ୱାଗତ କରି ଏହାର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ ଏବଂ କହିଥିଲେ ଯେ ଏପରି ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମାଜରେ ସକାରାତ୍ମକ ସନ୍ଦେଶ ପ୍ରଚାରରେ ମହତ୍ୱପୂର୍ଣ୍ଣ ଭୂମିକା ନେଉଛି। ଶେଷରେ ଶେଖ ଅବ୍ଦୁଲ ଇରଫାନ ସମସ୍ତ ସହଯୋଗୀ, ପ୍ରତିଯୋଗୀ ଓ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଜିମ ବାଲେଶ୍ୱରୀ ସାଧାରଣ ଲୋକଙ୍କୁ ଆହ୍ୱାନ କରିଥିଲେ ଯେ ସେମାନେ ନିଜ ଶକ୍ତିଅନୁସାରେ ଏହି ପବିତ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରନ୍ତୁ। ଇନ୍‌ଶାଆଲ୍ଲାହ୍, ଏହି ଅନ୍‌ଲାଇନ୍ ନାତିଆ ପ୍ରତିଯୋଗିତା ସିଜନ-୭ ପୂର୍ବବର୍ଷମାନଙ୍କ ଭଳି ସଫଳତା ଓ ଲୋକପ୍ରିୟତାର ନୂତନ ରେକର୍ଡ ସୃଷ୍ଟି କରିବ।

# ୪୧ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା ଉଦ୍‌ଯାପିତ : ଜବାହରଲାଲ ନେହେରୁ ବନ୍ଦର ଚାମ୍ପିଅନ



ପାରାଦୀପ, ୮/୨ : ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ପାରାଦୀପର ବିଜୁ କନଭେନସନ୍ ସେଣ୍ଟର୍ ଠାରେ ଆୟୋଜିତ ୪୧ ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟରେ ଜବାହର ଲାଲ ନେହେରୁ ବନ୍ଦର ପାରାଦୀପ ବନ୍ଦରକୁ ଓ ଚେନ୍ନାଇ ବନ୍ଦର ମୁମ୍ବାଇ ବନ୍ଦରକୁ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଫାଇନାଲ ମ୍ୟାଚରେ ଜବାହର ଲାଲ ନେହେରୁ ବନ୍ଦର ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଚେନ୍ନାଇ ବନ୍ଦରକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ପାରାଦୀପ ବନ୍ଦର ଓ ଚେନ୍ନାଇ ବନ୍ଦର ସଂଯୁକ୍ତ ତୃତୀୟ ସ୍ଥାନ ପାଇଛନ୍ତି । ଉଦଜାପାନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଖେଳାଳି ମାନଙ୍କୁ ସମ୍ମାନିତ କରିଥିଲେ । ସମ୍ପୂର୍ଣ୍ଣ ପ୍ରତିଯୋଗିତାଟିକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ସେ ଗୋପବନ୍ଧୁ କ୍ରୀଡ଼ା ସଂସଦର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ବନ୍ଦରର ଅଧ୍ୟକ୍ଷ ମାନଙ୍କୁ ସେମାନଙ୍କର ଦଳକୁ ଭାଗ ନେବା ପାଇଁ ପାରାଦୀପ ପଠାଇ ଥିବାରୁ ସେମାନଙ୍କୁ ମଧ୍ୟ ଧନ୍ୟବାଦ୍ ଦେଇଥିଲେ । ବନ୍ଦର ଉପାଧ୍ୟକ୍ଷ ଟି ବେଣୁ ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂସଦର ସଭାପତି ହିମାଂଶୁ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଧୁନ ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ବନ୍ଦର ବିଭାଗ ମୁଖ୍ୟ ଓ ଅଧିକାରୀ ତଥା କର୍ମଚାରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ଓ କୁଳପତି ଓ କୁଳ ସଚିବଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ୯/୨ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଛାତ୍ର ଛାତ୍ରୀ ମାନେ ବିକ୍ଷୋଭ, ଧାରଣା ଦେଇଥିଲେ । କୁଳପତି ଦେବୀ ପ୍ରସାଦ ମିଶ୍ର ଓ କୁଳ ସଚିବ ମହେଶ୍ୱର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ସବୁ ଖୁବ ଶିଘ୍ର ପୁରଣ କରିବାକୁ ପ୍ରତିଶୃତି ଦେବାରୁ ଛାତ୍ର ଛାତ୍ରୀ ମାନେ ବିକ୍ଷୋଭରୁ ଓହରି ଥିଲେ । ବିଶ୍ୱ ବିଦ୍ୟାଳୟ ହେଷ୍ଟଲ ଛାତ୍ର ମାନେ ନିମ୍ନ ମାନର ଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ପରିମଳ ପରିସ୍ଥିତିର ସମ୍ମୁଖିନ ହେଉଛନ୍ତି । ଲାଇଟ, ଫ୍ୟାନ, ବଲ୍ବ ଏବଂ କାନ୍ଥ ପ୍ଲାଷ୍ଟର ଭଳି ମୌଳିକ ସୁବିଧା କ୍ଷତିଗ୍ରସ୍ତ ଅବସ୍ଥାରେ ଅଛି । ପରୀକ୍ଷା ଫି ଆଦାୟ କରିବା ସତ୍ତ୍ୱେ ପରୀକ୍ଷା ହଲ ଗୁଡିକରେ ବିଦ୍ୟୁତ ଉପଯୁକ୍ତ ଆସନ ବ୍ୟବସ୍ଥା ପାନୀଜ ଜଳ ଏବଂ ସଫା ଶୌଚାଳୟ ଭଳି ନଥିବା ଯୋଗୁଁ ଛାତ୍ର ଛାତ୍ରୀ ମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତୁରନ୍ତ ବିଚାରାଧୀନ ଫଳାଫଳ ପ୍ରକାଶ କରିବା, ପୁନଃମୁଲ୍ୟାୟନଫିର ଅନ୍ୟାୟ ସଂଗ୍ରହ ବନ୍ଦ କରିବା, ପ୍ରମାଣ ପତ୍ର ପ୍ରଦାନରେ ବିଳମ୍ବ ହେବ । ଶେଷ ବର୍ଷର ଫଳାଫଳ ପ୍ରକାଶନ ପରେ ମଧ୍ୟ ପରୀକ୍ଷା ପ୍ରମାଣପତ୍ର ପ୍ରଦାନରେ ଅତ୍ୟଧିକ ବିଳମ୍ବ ହେଉଛି । ଯାହାଫଳରେ ଛାତ୍ର ଛାତ୍ରୀ ମାନେ ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି ପାଇ ସୁଯୋଗ ହରାଇଛନ୍ତି । ମେଧାବି ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ ବନ୍ଦ କରିବା, ଅନୁପସ୍ଥିତ ଥିବା ଛାତ୍ର ଛାତ୍ରୀଙ୍କୁ ଅଧିକ ମାର୍କ ଦେବା, ପରୀକ୍ଷା ଫଳାଫଳ ପ୍ରକାଶନରେ ବିଳମ୍ବ ହେବା, ପୂର୍ବରୁ ପ୍ରକାଶିତ ସମସ୍ତ ତ୍ରୁଟିପୁର୍ଣ୍ଣ ଫଳାଫଳକୁ ଦୁଇ ସପ୍ତାହ ମଧ୍ୟରେ ପୁଙ୍ଖାନୁପୁଙ୍ଖ ସମିକ୍ଷା ଏବଂ ସଂଶୋଧନ କରାଯାଉ, ଫଳାଫଳ ଗୁଡିକୁ ସମୟୋଚିତ, ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ଭାବରେ ପ୍ରକାଶ କରାଯାଉ, ଫଳାଫଳ ଘୋଷଣା ପରେ ତୁରନ୍ତ ପ୍ରମାଣ ପତ୍ର ପ୍ରଦାନ କରାଯାଉ, ଖାଲି ଅଧ୍ୟାପକ ପଦବୀ ବିଳମ୍ବ ନକରି ପୁରଣ କରାଯାଉ, କ୍ୟାମ୍ପସ ସୁରକ୍ଷା ଏବଂ ଛାତ୍ର ସହାୟତା ବ୍ୟବସ୍ଥା କରାଯାଉ, ତୁରନ୍ତ କ୍ୟାମ୍ପସରେ ସିସିଟିଭି କ୍ୟାମେରା ଲଗାଯାଉ, ବ୍ୟାକ ପେପର ପରିଚାଳନା ନକରିବା, ଯୁଜି ବ୍ୟାକ୍ ୨୦୨୩-୨୪ ପ୍ରଥମରୁ ପଞ୍ଚମ ସେମିଷ୍ଟାରେ ବ୍ୟାକ୍ ପେପର ପଡି ରହିଛି । ଛାତ୍ର ଛାତ୍ରୀ ମାନେ ଆଗାମୀ ଷଷ୍ଠ ସେମିଷ୍ଟାର ପରୀକ୍ଷା ଦେବାକୁ ଯାଉଥିବାରୁ ପଛ ପତ୍ର ପରିଚାଳନା ନକରିବା ଦ୍ୱାରା ଶୈକ୍ଷିକ ଅସୁବିଧା ଏବଂ ଫଳାଫଳ ପକ୍ରିୟାକରଣ ଏବଂ ଡିଗ୍ରୀ ସମାପ୍ତିରେ ବିଳମ୍ବ ହୋଇପାରେ । ଏହି ବିକ୍ଷୋଭରେ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସୁଭମ ମହାପାତ୍ର, ଆଦି ଦେବଦତ, ସୁଭମ ମହାରଣା, ସ୍ୱାସ୍ତିକ ସାହୁ, ସୋନାଲି ପଟ୍ଟନାୟକ, ରୋହନ ପାଙ୍ଗି ଙ୍କ ସହ ଏବିଭିପିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସମାଜସେବୀ ରଞ୍ଜନ ବେହେରା

କେନ୍ଦ୍ରାପଡ଼ା, ୯/୨ (ନି.ପ୍ର): ଆଜିର ସମାଜରେ କିଏ ଜନ୍ମଦିନ ଉପଲକ୍ଷେ କେକ୍ କଟୁଛିତ କିଏ ରକ୍ତଦାନ କରୁଛି ଆଉ କିଏ ନିଜ ସାଙ୍ଗ ସାଥି ଧରି ମଦ ମାଂସ ଆସର ବେଶ ଧୁମ ଧାମରେ ମଜା ମସ୍ତି କରି ପାଳନ କରୁଛନ୍ତି, ହିନ୍ଦୁ ସମାଜ ପାଇଁ ଗ୍ରହଣୀୟ ନୁହେଁ ବୋଲି କେନ୍ଦ୍ରାପଡ଼ାର ଚର୍ଚ୍ଚିତ ଚେହେରା ଯୁବ ସମାଜ ସେବୀ ଓ ଶିକ୍ଷାବିତ୍ ରଞ୍ଜନ ବେହେରା ନିଆରା ଢଙ୍ଗରେ ନିଜ ପରିବାର ସହିତ ଧରି ମାନସିକ ଅନ୍ଧ ମୁକ ବଧିର ଅନୁଷ୍ଠାନରେ ପହଂଚି ନିଜ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରି ଜିଲ୍ଲାବାସୀଙ୍କ ପାଖରେ ପ୍ରଶଂସାର ପାତ୍ର ହେଇଛନ୍ତି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପଳସିଂହା ନିବାସୀ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ରଞ୍ଜନ ବେହେରାଙ୍କ ପବିତ୍ର ଜନ୍ମ ଦିବସ ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନର ଛାତ୍ରଛାତ୍ରୀଙ୍କ ଗହଣରେ ପାଳନ କରିଛନ୍ତି। ଶ୍ରୀ ବେହେରା ପ୍ରଥମେ କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ର ଆରାଧ୍ୟ ଦେବତା ବଳଦେବଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ସହିତ ସମାଜ ପାଇଁ ଭଲ କାମ କରିବା ଏବଂ ସାଢେ ଚାରି କୋଟି ଜନତାଙ୍କ ସୁଖ ଦୁଃଖ ରେ ଠିଆ ହବା ସହ ହସହାୟ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ପ୍ରତି ବର୍ଷ ନିଜ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିବେ ବୋଲି କହିଛନ୍ତି। ଦେବକୀ ମା ଅନୁରାଧା ଦାସ, ବାପା ଡ. ଚିନ୍ମୟ ଦାସଙ୍କ ସହିତ ତୁଳସୀ କ୍ଷେତ୍ରରୁ ବାହାରି ସିଧା କଜଳା ଥିବା ମାନସିକ ଅନ୍ଧ, ମୁଖ, ବଧିର ବିଦ୍ୟାଳୟକୁ ରହୁଥିବା ଛାତ୍ରଛାତ୍ରୀଙ୍କ ଗ୍ରହଣରେ ରହି ତାଙ୍କ ସହ ଖୁସି ବାଂଟିବା ସହିତ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରିଛନ୍ତି। ସେହିପରି ଯୁବ ସମାଜକୁ ବାର୍ତ୍ତା ଦେଇଛନ୍ତି ନିଜ ଜନ୍ମଦିନରେ କେକ୍ ଓ ମଦ ମାଂସ ଆସର ନ କରି ସେହି ଦିନ ସମାଜର ମୁଖ୍ୟସ୍ରୋତରୁ ଦୁରେଇ ରହୁଥିବା ଏହି ପିଲାମାନଙ୍କ ସହ ହସ ଖୁସିରେ ଜନ୍ମଦିନ ପାଳନ କରନ୍ତୁ। ଶ୍ରୀ ବେହେରାଙ୍କୁ ତାଙ୍କ ଜନ୍ମଦିନରେ ଉପଲକ୍ଷେ ଆଜି ବହୁ ଯୁବ ପିଢି, ସାମାଜିକ କର୍ମୀ ଭେଟି ଶୁଭେଚ୍ଛା ଜଣେଇବା ସହିତ ଅନୁଷ୍ଠାନର ପରିଚାଳକ ସ୍ୱପ୍ନାଂଶୁ କୁମାର ଦାସ ସମସ୍ତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ।

# ମହିଳା ସମ୍ବନ୍ଧୀୟ ମାମଲା ସମ୍ପର୍କରେ ସଚେତନତା

ମାଲକାନଗିରି, ୯/୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ତତ୍ତ୍ୱାବଧାନରେ ମହିଳା ସମ୍ବନ୍ଧୀୟ ମାମଲା ସମ୍ପର୍କରେ ଆୱାରନେସ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ମହିଳା ମାନଙ୍କର ସୁରକ୍ଷା ପାଇଁ ଯଦିଓ ବିଭିନ୍ନ ଆଇନ କାନୁନ ତିଆରି ହୋଇଛି ଏବଂ ଭାରତୀୟ ସମ୍ବିଧାନରେ ମଧ୍ୟ ବହୁ ବ୍ୟବସ୍ଥା ଥିବା ସତ୍ତ୍ୱେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇବାରେ ଲାଗିଛି । ମହିଳା ଏବଂ ଝିଅମାନଙ୍କ ବିରୁଦ୍ଧରେ ହେଉଥିବା ହିଂସା ଏକ ମାନବାଧିକାର ଉଲ୍ଲଂଘନ । ଘରୋଇ ହିଂସା ଆଇନ ଏବଂ ସେମାନଙ୍କର ଆଇନଗତ ଅଧିକାର ଉପରେ କାଲିମେଳା ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳ ମହିଳା ମାନଙ୍କୁ ସଚେତନ କରାଇଥିଲେ।

# ବାଲେଶ୍ୱର ଶାଖା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ମାସିକିଆ ବୈଠକ



ବାଲେଶ୍ୱର , ୯/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଶାଖା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଚର୍ଚ୍ଚ ଲାଇନ ଅଫିସ ରେ ସାଧାରଣ ସମ୍ପାଦକ ମହେଶ୍ୱର ପ୍ରଧାନ ଙ୍କ ସଭାପତିତ୍ୱରେ ମାସିକିଆ ବୈଠକ ୭ ତାରିଖ ଅନୁଷ୍ଠିତ ହୋଇଯାଇଛି । ସଭାପତି ଜିତେନ୍ଦ୍ର କୁମାର ଘୋଷାଲ, କାର୍ଯ୍ୟକାରୀ ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ , ଉପ ସମ୍ପାଦକ ରବିନାରାୟଣ ବେହେରା , ଉପଦେଷ୍ଟା ନାମ ଦେବ କମିଳା, ପୂର୍ଣ୍ଣଚନ୍ଦ୍ର ବେହେରା , କୋଷାଧ୍ୟକ୍ଷ ସୁରେଶ ରଣା , ଚକ୍ରଧର ଦାସ , ଲକ୍ଷ୍ମଣ ପଣ୍ଡା , ଗୟାଧର କର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବାର୍ଷିକ ଉତ୍ସବରେ ସମସ୍ତ ପ୍ରକାର ହିସାବ ନିକାଶ ହୋଇଥିଲା । କେତେକ କର୍ମଚାରୀ ସେମାନେ ନିଜ ନିଜ ଦାୟୀତ୍ୱରେ ଅବହେଳା ବିଷୟ ମଧ୍ୟ ଆଲୋଚନା ହୋଇଥିଲା । ଆଗକୁ କିପରି ଏହି ଅସୁବିଧା ନହେବ ସେଥିପାଇଁ ଧ୍ୟାନ ଦେବା ପାଇଁ ସିଦ୍ଧାନ୍ତ ନିଆଗଲା । ବାଲେଶ୍ୱର ସହରର ବିଭିନ୍ନ ପ୍ରକାର ଦୁର୍ନୀତି ଦିନକୁ ଦିନ ବଢି ଚାଲିଛି। ତେଣୁ ସେଗୁଡିକ ପ୍ରତି ଧ୍ୟାନ ଦେବା ପାଇଁ ଆଲୋଚନା ହୋଇଥିଲା। ଶେଷରେ ତପନ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦୁର୍ନୀତି ସଂଘର୍ଷ ମଞ୍ଚର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ୧୨ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବାକୁ ହିନ୍ଦ୍ ମଜଦୁର ସଭା ରାଜ୍ୟ ଉପସଭାପତିଙ୍କ ନିବେଦନ

ଗଞ୍ଜାମ, ୯/୨ (ନି.ପ୍ର): ଫେବୃଆରୀ ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ହିନ୍ଦ ମଜଦୁର ସଭା (ଏଚଏମଏସ) ରାଜ୍ୟ ଶାଖା ଉପସଭାପତି ରବି ରଥ ଦେଶର ଶ୍ରମିକ ଶ୍ରେଣୀ ଏବଂ ସମସ୍ତ ଟ୍ରେଡ୍ ୟୁନିଅନକୁ ନିବେଦନ କରିଛନ୍ତି । ଏହି ଧର୍ମଘଟରେ ସମସ୍ତ ରାଜ୍ୟ କମିଟି, ଜିଲ୍ଲା କମିଟି ଏବଂ ଅନୁବନ୍ଧିତ ଟ୍ରେଡ୍ ୟୁନିଅନର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଟିୟୁସିଆଇ କେନ୍ଦ୍ରୀୟ କମିଟି ଆହ୍ୱାନ କରିଛି । ଆମେରିକା ସହ ଆରଏସଏସ-ମୋଦି ସରକାରଙ୍କ ସ୍ୱାକ୍ଷରିତ ଅର୍ଥନୈତିକ ଚୁକ୍ତି ଏପର୍ଯ୍ୟନ୍ତ ଘଟିଥିବା ସମସ୍ତ ଦୁର୍ନୀତି ଘୋଟାଲାର ରେକର୍ଡ ଭାଙ୍ଗି ଦେଇଛି । ମୋଦି ସରକାର ଭାରତର ଅର୍ଥନୈତିକ ଆତ୍ମନିର୍ଭରଶୀଳତାକୁ ଆମେରିକା ସାମ୍ରାଜ୍ୟବାଦୀ ଶକ୍ତି ହାତରେ ସମର୍ପଣ କରିଛନ୍ତି । ଭାରତୀୟ ଉତ୍ପାଦ ଉପରେ ଟିକସ ବୃଦ୍ଧି କରିବାର କ୍ଷମତା ଆମେରିକାକୁ ଦିଆଯାଇଛି ଏବଂ ଆମେରିକୀୟ ଉତ୍ପାଦ ପାଇଁ ଭାରତକୁ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରାଯାଇଛି । ଫଳସ୍ୱରୂପ, ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ଉତ୍ପାଦର ମୂଲ୍ୟ ହ୍ରାସ ପାଇଛି । ଅପରପକ୍ଷେ, ଭାରତରେ ଆମେରିକୀୟ ସାମ୍ରାଜ୍ୟବାଦୀ ଉତ୍ପାଦ ପାଇଁ ଏକ ବ୍ୟାପକ ବଜାର ଏବଂ ଉଚ୍ଚ ଲାଭ ସୁନିଶ୍ଚିତ କରାଯାଇଛି ଏହା ଏକ ବିପଜ୍ଜନକ ଘଟଣା ଯାହା ଦେଶର ସମଗ୍ର ଅର୍ଥନୀତିକୁ ଦୋହଲାଇ ଦେବ। ଏହି ବିଶ୍ୱାସଘାତକତା ଯୋଗୁଁ ଆର୍ଥିକ ବୋଝର ଭାର ଶ୍ରମିକ ଶ୍ରେଣୀ ଏବଂ କୃଷକ ବହନ କରିବା ପାଇଁ ବାଧ ହେଉଛନ୍ତି । ଶ୍ରମିକମାନଙ୍କର ପରିଶ୍ରମ ହେଉଛି ମୂଲ୍ୟହୀନ, କୃଷକଙ୍କ ଉତ୍ପାଦର ମୂଲ୍ୟ ଏବଂ ବଜାର ଉଭୟ ନଷ୍ଟ ହୋଇଯାଉଛି । ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଶ୍ରମିକ ଶ୍ରେଣୀ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଅଛି ଦେଶର ଅଧିକାଂଶ ଅଂଚଳରେ ଶ୍ରମିକମାନେ ସର୍ବନିମ୍ନ ମଜୁରୀ, ଚାକିରି ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ପାଇଁ ଜୀବନ-ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ଚାରୋଟି ନୂତନ ଶ୍ରମ ଆଇନ ମାଧ୍ୟମରେ ଶ୍ରମିକ ଶ୍ରେଣୀ ଉପରେ ଏକ ବଡ଼ ଆକ୍ରମଣ କରୁଛନ୍ତି ସେହିଭଳି ଗ୍ରାମୀଣ ରୋଜଗାର ଗ୍ୟାରେଂଟି ଯୋଜନାକୁ ଉଚ୍ଛେଦ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି । ଏହି କୃଷକ-ଶ୍ରମିକ ବିରୋଧୀ ନୀତି ବିରୋଧରେ ଫେବୃଆରୀ ୧୨ ତାରିଖରେ ସାରା ଦେଶରେ ହେଉଥିବା ଧର୍ମଘଟକୁ ସଫଳ କରିବା ସହ ବିଜେପି ସରକାରଙ୍କ ନୀତି ବିରୁଦ୍ଧରେ ବୃହତ ଜନ ଆନ୍ଦୋଳନରେ ପରିଣତ କରିବା ଏବଂ ବିଜୟ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବା ହେଉଛି ସମୟର ଆହ୍ୱାନ । ଶ୍ରମିକ କର୍ମଚାରୀ ବିରୋଧୀ ଫାସିବାଦ ଶକ୍ତି ବିରୁଦ୍ଧରେ ସଡ଼କକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରନ୍ତୁ, ଭାରତୀୟଙ୍କ ପ୍ରତି ବିଶ୍ୱାସଘାତକତା କରି ମୋଦି ସରକାର କରିଥିବା ଭାରତ ଓ ଆମେରିକା ବିବାଦୀୟ ବାଣିଜ୍ୟ ଚୁକ୍ତିନାମାରୁ ତୁରନ୍ତ ଓହରି ଆସିବାକୁ କେନ୍ଦ୍ର ସରକାର ଉପରେ ଚାପ ପ୍ରଦାନ କର, ଶ୍ରମିକ ବିରୋଧୀ ୪ ଶ୍ରମ ସଂହିତା ରଦ୍ଦ କରିବା, ମନରେଗା ଆଇନକୁ ପୁନଃ ସ୍ଥାପିତ କରିବା ଆଦି ଦାବିନେଇ ଏହି ଧର୍ମଘଟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଏବଂ ସରକାରଙ୍କ ଜନବିରୋଧୀ ନୀତିକୁ ଦୃଢ଼ ପ୍ରତିରୋଧ କରିବା ପାଇଁ ଦେଶର ସମସ୍ତ ଶ୍ରମିକ, କୃଷକ, ପ୍ରଗତିଶୀଳ ସଂଗଠନ ଏବଂ ଗଣତାନ୍ତ୍ରିକ ଶକ୍ତିକୁ ଏଚଏମଏସ୍ ନିବେଦନ କରିଛି ।

# କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ନୂତନ ସଂଘର ବାର୍ଷିକ ସାଧାରଣ ସଭା

ଜୟପୁର, ୯/୨ (ନି.ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବ ନିର୍ଦ୍ଧାରିତ ସୂଚୀ ପ୍ରକାରେ ସମସ୍ତ ନିର୍ଦ୍ଧାରଣ, ପଠନ, ଆଲୋଚନା ଓ ଗ୍ରହଣ ପୂର୍ବକ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ଏହି ସଭାରେ ସମସ୍ତ କର୍ମଚାରୀଙ୍କ ଦ୍ୱାରା ସଭାପତି ଭାବେ ମନୋଜ କୁମାର ସାହୁ ଓ ସାଧାରଣ ସମ୍ପାଦକ ଭାବେ ଅନିତା କୁମାରୀ ଶତପଥୀ ପଦବୀରେ କାର୍ଯ୍ୟଭାର ସମ୍ପାଦନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ତତ୍ ସହିତ ନିମ୍ନଲିଖିତ ସଂଘର ସଦସ୍ୟ ମାନଙ୍କୁ ଦାୟୀତ୍ୱ ଓ କାର୍ଯ୍ୟଭାର ତୁଲାଇବା ନିମନ୍ତେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ଦାଶ, ଉପ ସଭାପତି ସୁଶାନ୍ତ କୁମାର ବେହେରା, ଯୁଗ୍ମ ସାଧାରଣ ସମ୍ପାଦକ, ସ୍ୱଦେଶ କୁମାର ମାଦଳା, କୋଷାଧ୍ୟକ୍ଷ ଭାବେ, ଉର୍ମିଳା ଭାରତୀ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଦୀପକ କୁମାର ଖରା, ସୁଜିତ କୁମାର ପଟ୍ଟନାୟକ, ତାପସ କୁମାର ପାତ୍ର, ଦଶରଥ ବେହେରା, ବିଜୟ କୁମାର ପଟ୍ଟନାୟକ, ବାମଦେବ ପଟ୍ଟନାୟକ, ରୁଦ୍ର ପ୍ରସାଦ ମେହେର, ଜ୍ଞାନ ବିହାରୀ କିସକୁ, ପ୍ରିନ୍ସ ପଟେଲ, ଗୌତମୀ ପାଲକା, ଦିନେଶ କୁମାର ମିଶ୍ର, ଶିବାଜି ବେହେରାଙ୍କୁ ଚୟନ କରାଯାଇଥିଲା। ଏତଦ୍ ବ୍ୟତୀତ ଉପଦେଷ୍ଟା ସୁରେନ୍ଦ୍ର କୁମାର ନାୟକଙ୍କୁ ଭାବରେ ଚୟନ କରିବା ସହ ସାହୀନ ପରବିନ୍ ସୟଦ ଏବଂ ସମୀକ୍ଷକ ଭାବେ ସୁଧୀର କୁମାର ପ୍ରଧାନଙ୍କୁ ଭାବରେ ମନୋନୀତ କରାଯାଇଥିଲ। ଏହି ସଭାରେ କର୍ମଚାରୀ ମାନଙ୍କର ନ୍ୟାର୍ଯ୍ୟ ଦାବିପୂରଣ ସକାଶେ ବିଚାର ବିମର୍ଶ କରାଯାଇଥିଲା ଏବଂ ଆଗାମୀ ଦିନରେ ଉକ୍ତ ଦାବିଗୁଡିକୁ ଫଳପ୍ରଦ ସକାଶେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ ସମ୍ପାଦକଙ୍କ ଠାରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନୂତନଭାବେ ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଗଲା।

# ପିଏମଶ୍ରୀ ନେସନାଲ୍ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ନୂଆପଡା, ୯/୨ (ନି.ପ୍ର): ନୂଆପଡା ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ପିଏମଶ୍ରୀ ନେସନାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଗୋଲାପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡଃ ରେଶମ୍ ଲାଲ୍ ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ସଭାପତି ପଂଚସଖା ଶିକ୍ଷା ସେତୁ ପ୍ରକାଶ ସାହୁ, ବିଶିଷ୍ଟ ସମାଜ ସେବୀ ତଥା ସାମ୍ବାଦିକ ସୁରେଶ ଆଚାରୀ, ସଭାପତି ବିଦ୍ୟାଳୟ ପରିଚାଳନା କମିଟି କୁଞ୍ଜ ବିହାରି ବାଗ ଏବଂ କମିଟି ସଭ୍ୟା ଶ୍ରୀମତୀ ଧନେଶ୍ୱରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ସୁକାନ୍ତ ଶତପଥୀଙ୍କ ଦ୍ୱାରା ରଚିତ, ସୁରେଶ ଚନ୍ଦ୍ର ପରିଡା ଓ ସସ୍ମିତା ଗଡନାୟକଙ୍କ ମାର୍ଗ ଦର୍ଶନରେ ଛାତ୍ରୀମାନେ ସୁନ୍ଦର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଶ୍ରୀ ଶତପଥି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ । ପାଠ ପଢିବା ସହିତ କ୍ରୀଡ଼ା ଓ ବିଭିନ୍ନ ସୃଜନଶୀଳ କାର୍ଯ୍ୟରେ ମନୋନିବେଶ ପାଇଁ ଉପଦେଶ ଦେଇଥିଲେ । ଶ୍ରୀ ଆଚାରୀ ଜିଲ୍ଲାର ଏହି ପୁରାତନ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ପଣ୍ଡା ପିଏମଶ୍ରୀ ନେସନାଲ ହାଇସ୍କୁଲ ଜିଲ୍ଲାର ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ହିସାବରେ ନିଜକୁ ପ୍ରତିଷ୍ଠା କରିବା ସହିତ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିବା ଏକ ଗର୍ବର କଥା ବୋଲି କହିଥିଲେ । ଏହା ସହିତ ଛାତ୍ରଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ କରି ନିଜ ପରିବାର ତଥା ବିଦ୍ୟାଳୟର ସୁନାମ ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିକଟରେ ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଏଠାରେ ସଫଳତାର ସହିତ ଆୟୋଜିତ ହେବା ଏବଂ ୫ଟି ବର୍ଗରେ ବିଦ୍ୟାଳୟ ସମ୍ମାନିତ ହେବା ଏକ ଆନନ୍ଦର ବିଷୟ ବୋଲି ଅଭିହିତ କରିଥିଲେ । ଅତିଥି ମାନଙ୍କୁ ବାର୍ଷିକ ଉତ୍ସବରେ ଯୋଗଦାନ ପାଇଁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସିନିୟର ବାଳକ କ୍ରୀଡା ଚାମ୍ପିଅନଙ୍କୁ ଶାରଦାକାନ୍ତ ବଢାଇ ସ୍ମାରକୀ ଟ୍ରଫି, ସିନିୟର ବାଳିକା କ୍ରୀଡା ଚାମ୍ପିଅନଙ୍କୁ ହରପ୍ରିୟା ବଢ଼ାଇ ସ୍ମାରକୀ ଟ୍ରଫି, ଜୁନିୟର ବାଳକ କ୍ରୀଡା ଚାମ୍ପିଅନ୍ ଙ୍କୁ ବ୍ରଜେନ୍ଦ୍ର ପ୍ରସାଦ ବଢାଇ ସ୍ମାରକୀ ଟ୍ରଫି, ଜୁନିୟର ବାଳିକା କ୍ରୀଡା ଚାମ୍ପିଅନ୍ ଙ୍କୁ ଧର୍ମେନ୍ଦ୍ର ପ୍ରସାଦ ବଢାଇ ସ୍ମାରକୀ ଟ୍ରଫି ସହିତ ସମସ୍ତଙ୍କୁ ୧୦୦୦ ଟଙ୍କା ଲେଖାଏଁ ନଗଦ ପୁରସ୍କାର ରାଶି ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢାଇଙ୍କ ସୌଜନ୍ୟରୁ ପ୍ରଦାନ କରାଯାଇଥିଲା।

# ବଲାଙ୍ଗିର ନଗରରେ ବିରାଟ ହିନ୍ଦୁ ସମ୍ମିଳନୀ

ବଲାଙ୍ଗିର, ୯/୨ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷରେ ରବିବାର ସକାଳ ୧୦ଟା ସମୟରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଗେଟ ନମ୍ବର ଦୁଇ ଆଗରେ ଥିବା ନେହରୁ ନଗର ଠାରେ ଅଂଚଳ ବାସୀଙ୍କ ତରଫରୁ ଏକ ବିରାଟ ହିନ୍ଦୁ ସମ୍ମିଳନୀ ଶରତ ଚନ୍ଦ୍ର ଯୋଶୀଙ୍କ ଆବାହକତ୍ୱରେ ଗୋବର୍ଦ୍ଧନ ପ୍ରଧାନ ବସତି ପ୍ରମୁଖ ସଂଯୋଜନାରେ କଳସ ଯାତ୍ରା ସ୍ଥାପନ ପୂଜନ ଯଜ୍ଞ, ଭାରତ ମାତାଙ୍କ ସମେତ ସର୍ବ ଦେବାଦେବୀ ଆରାଧନା ହୋଇଥିଲା । ପୂଜକ ଭାବରେ ସୀମନ୍ତ ମିଶ୍ର ପୂଜା କର୍ମ କରିଥିବା ବେଳେ କର୍ତ୍ତା ଭାବରେ ସପନ୍ତିକ କିଶୋର କୁମାର ବେହେରା ଓ ଶ୍ରୀମତୀ ଶକୁନ୍ତଳା ସେଠ ପୂଜା କର୍ମ କରିଥିଲେ । ପ୍ରେମ ରାଜ ମିଶ୍ର ପ୍ରବଚନ ଦେଇଥିଲେ।




ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍ସ, ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ । ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ । ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଶରୀରରେ ଆଣ୍ଟିବଡି ପରୀକ୍ଷା କରାଯିବାରୁ ଏହା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା । ଆପଣ ଦୃଷ୍ଟିଶକ୍ତିଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଆଉ ଏକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପ୍ରତିଦିନ ଗାଜର ଖାଆନ୍ତୁ । କାରଣ ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ । ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ । ଗାଜର ନିୟମିତ ଖାଇଲେ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ତା'ସହ ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ । ଗାଜରରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ଥିବାରୁ ଏହା ଅସ୍ଥିକୁ ଦୃଢ଼ ରଖିଥାଏ । ସବୁଠାରୁ ଖାସ୍ କଥା ହେଲା, ଏହାକୁ ପ୍ରତିଦିନ ଖାଇଲେ ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ ।




ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି । ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ । ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏହା ଦୃଷ୍ଟି ଶକ୍ତି ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ଟମାଟୋ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି । ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ୍ୟ ଦୃଢ଼ କରିଥାଏ ।




ଆଜିକାଲି ପ୍ରାୟ ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଖାଦ୍ୟପେୟ ଠିକ୍ ସମୟରେ ନ ଖାଇଲେ, ଆବଶ୍ୟକ ମୁତାବକ ପାଣି ନ ପିଇଲେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେବେ ଏଥିରୁ ଉପଶମ ପାଇବା ଲାଗି କେତୋଟି ସରଳ ତଥା ସହଜ ଉପାୟ ରହିଛି । ସବୁଠାରୁ ମୁଖ୍ୟ କଥା ହେଲା ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ । ଏଥିରେ ବିଳମ୍ବ ହେଲେ ପେଟରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଇଥାଏ, ଯାହାଦ୍ୱାରା ମୁଣ୍ଡ ବିନ୍ଧେ । ତା'ସହ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ । ଆଉ ଏକ କଥା ହେଲା ନିଦ୍ରା । ଆମକୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ନିହାତି ଦରକାର । ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ମୁଣ୍ଡବିନ୍ଧାର କାରଣ ସାଜିଥାଏ । ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଶୁଅନ୍ତୁ । ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣି ପାରିଛନ୍ତି ଯେ ନିୟମିତ ଯୋଗ କରିବା ଦ୍ୱାରା ମୁଣ୍ଡବିନ୍ଧା ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ । ବେଳେବେଳେ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ । ତେଣୁ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ ।




ଏଭଳି ପରିସ୍ଥିତିରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆହୁରି ଅଧିକ ଜରୁରୀ ହୋଇଥାଏ । ଯଦି ଏହି ସମୟରେ କିଛି ଅଭ୍ୟାସ ସମୟ ବଦଳା ନ ଯାଏ, ତେବେ ଆଗକୁ ଯାଇ ଏହି ଅଭ୍ୟାସଗୁଡ଼ିକ ରୋଗର କାରଣ ହୋଇପାରେ । ପୁରୁଷ ହୁଅନ୍ତୁ କି ମହିଳା ୪୦ ବର୍ଷ ବୟସରେ ଉପନିତ ହେଲେ ଶରୀର ଯେମିତି ହାତ ଟେକିଦିଏ । ଏହି ବୟସ ପରେ ଉଭୟ କିଛି ନା କିଛି କାମରେ ବ୍ୟସ୍ତ ଥାଆନ୍ତି । ସନ୍ତାନ ବଡ଼ ହେଉଥାନ୍ତି, କ୍ୟାରିୟର ଉଚ୍ଚତାରେ ଥାଏ ଏବଂ ଶରୀରରେ ମଧ୍ୟ ଅନେକ ପରିବର୍ତ୍ତନ ଆରମ୍ଭ ହୋଇଯାଏ । ଏଭଳି ପରିସ୍ଥିତିରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆହୁରି ଅଧିକ ଜରୁରୀ ହୋଇଥାଏ । ଯଦି ଏହି ସମୟରେ କିଛି ଅଭ୍ୟାସ ସମୟ ବଦଳା ନ ଯାଏ, ତେବେ ଆଗକୁ ଯାଇ ଏହି ଅଭ୍ୟାସଗୁଡ଼ିକ ରୋଗର କାରଣ ହୋଇପାରେ । ତେବେ ଆସନ୍ତୁ ଜାଣିବା ୪୦ ବର୍ଷ ବୟସ ପରେ ମହିଳାମାନେ କେଉଁ ୭ ଟି ଖରାପ ଅଭ୍ୟାସରୁ ଦୂରେଇ ରହିବା ଉଚିତ୍, ଯାହା ଦ୍ୱାରା ଆପଣ ପ୍ରତି ବୟସରେ ସୁସ୍ଥ, ସତେଜ ଏବଂ ସକାରାତ୍ମକ ରହିବେ ।

***<u>୪୦ ବର୍ଷ ବୟସ ପରେ ଏହି ଭୁଲଗୁଡ଼ିକ କରନ୍ତୁ ନାହିଁ–</u>***

ଜଳଖିଆ ଛାଡ଼ିବା-

ଅନେକ ସମୟରେ ମହିଳାମାନେ ସକାଳର ଜଳଖିଆ ଛାଡ଼ି ଦିଅନ୍ତି, ବିଶେଷ କରି ସେତେବେଳେ ଯେତେବେଳେ ଶୀଘ୍ର ଶୀଘ୍ର କାମରେ ଲାଗିପଡ଼ନ୍ତି । କିନ୍ତୁ ଆପଣଙ୍କୁ ମନେ ରଖିବାକୁ ହେବ ଯେ ୪୦ ବର୍ଷ ପରେ ଏହି ଅଭ୍ୟାସ ଆପଣଙ୍କ ମେଟାବୋଲିଜିମକୁ ଧୀର କରିପାରେ । ଏହାଦ୍ୱାରା ଶକ୍ତି ସ୍ତର ଖସିଯାଏ ଏବଂ ଓଜନ ବଢ଼ିବାକୁ ଲାଗେ । ଦିନର ଆରମ୍ଭ ସର୍ବଦା ସୁସ୍ଥ ଜଳଖିଆ ଯେପରିକି ଓଟ୍ସ, ଫଳ, ଅଣ୍ଡା କିମ୍ବା ଇଡଲି-ଉପମା ସହିତ କରନ୍ତୁ ।

***<u>ଗୋଟିଏ ସ୍ଥାନରେ ବସି ରହିବା-</u>***

ୱାର୍କ ଫ୍ରମ୍ ହୋମ୍ ହେଉ କିମ୍ବା ଅଫିସ୍ ଚାକିରି, ଲମ୍ବା ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସିବା ଆପଣଙ୍କ ଶରୀର ପାଇଁ ବିପଦଜନକ ହୋଇପାରେ । ୪୦ ବର୍ଷ ପରେ ମାଂସପେଶୀ ଦୁର୍ବଳ ହେବାକୁ ଲାଗେ ଏବଂ ହାଡ଼ ଘନତା ମଧ୍ୟ କମିଥାଏ । ପ୍ରତିଦିନ ଅତି କମରେ ୩୦ ମିନିଟର ୱାକ୍, ଯୋଗ କିମ୍ବା ଶକ୍ତି ଟ୍ରେନିଂକୁ ନିଜ ଜୀବନଶୈଳୀରେ ନିଶ୍ଚୟ ସାମିଲ କରନ୍ତୁ ।

***<u>ଘଣ୍ଟା ଘଣ୍ଟା ଧରି ସ୍କ୍ରିନ୍ ଉପରେ ଲାଗି ରହିବା-</u>***

ମୋବାଇଲ୍, ଲାପଟପ୍ ଏବଂ ଟିଭିର ଅତ୍ୟଧିକ ବ୍ୟବହାର ଆଖିର ଦୃଷ୍ଟିଶକ୍ତି ନୁହେଁ, ଆପଣଙ୍କ ନିଦ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଲମ୍ବା ସମୟ ଧରି ସ୍କ୍ରିନ୍ ଦେଖିବା ଦ୍ୱାରା ମୁଣ୍ଡବିନ୍ଧା, ବ୍ୟାକ୍ ପେନ୍ ଏବଂ ନିଦ୍ରାହୀନତା ଭଳି ସମସ୍ୟା ହୋଇଥାଏ । ପ୍ରତି ୩୦ ମିନିଟରେ ୨ ମିନିଟର ବିରତି ନିଅନ୍ତୁ ଏବଂ ସ୍କ୍ରିନଠାରୁ ଦୂରତା ରଖନ୍ତୁ ।

***<u>ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା-</u>***

ଅତ୍ୟଧିକ ତେଲରେ ଭଜା, ପ୍ରୋସେସଡ୍ ଏବଂ ମିଠା ଖାଇବା ଦ୍ୱାରା କେବଳ ଓଜନ ବଢ଼େ ନାହିଁ ବରଂ ହରମୋନାଲ୍ ବାଲାନ୍ସ ମଧ୍ୟ ବିଗିଡ଼ି ଯାଏ । ୪୦ ବର୍ଷ ପରେ ଏହା ଆହୁରି ଅଧିକ କ୍ଷତିକାରକ ହୋଇଥାଏ । ନିଜ ଡାଏଟରେ ଫାଇବର, ସବୁଜ ପନିପରିବା, ଡାଲି, ଶସ୍ୟ ଏବଂ ସୁସ୍ଥ ଫ୍ୟାଟ୍ସ ସାମିଲ କରନ୍ତୁ ।

***<u>ନିଦରେ ଅବହେଳା-</u>***

ରାତିରେ ବିଳମ୍ବ ପର୍ଯ୍ୟନ୍ତ ନ ଶୋଇବା ଏବଂ ଅନିୟମିତ ନିଦ ନେବା ୪୦ ବର୍ଷ ପରେ ସ୍ୱାସ୍ଥ୍ୟର ସବୁଠାରୁ ବଡ଼ ଶତ୍ରୁ ହୋଇଯାଏ । ନିଦର ଅଭାବରୁ ଇମ୍ୟୁନ୍ ସିଷ୍ଟମ୍ ଦୁର୍ବଳ ହୋଇଥାଏ, ଷ୍ଟ୍ରେସ୍ ବଢ଼େ ଏବଂ ଓଜନ ମଧ୍ୟ ବଢ଼ିପାରେ । ପ୍ରତିଦିନ ୭-୮ ଘଣ୍ଟାର ନିଦ ନିଅନ୍ତୁ ଏବଂ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ ।

***<u>ମାନସିକ ସ୍ୱାସ୍ଥ୍ୟ ଏବଂ ବଡି ଚେକଅପ୍ ଅଣଦେଖା କରିବା-</u>***

୪୦ ବର୍ଷ ପରେ କେବଳ ଶରୀର ନୁହେଁ ମସ୍ତିଷ୍କକୁ ମଧ୍ୟ ସେତିକି ଭଲ ପାଇବା ଦରକାର । ଷ୍ଟ୍ରେସ୍, ଏକୁଟିଆପଣ ଏବଂ ଅଧିକ ଚିନ୍ତା ସହ ମୁକାବିଲା କରିବା ପାଇଁ ମେଡିଟେସନ୍ କରନ୍ତୁ, ଖୋଲାଖୋଲି ଭାବରେ କଥା ହୁଅନ୍ତୁ ଏବଂ ସମୟ ସମୟରେ ସ୍ୱାସ୍ଥ୍ୟ ଯାଞ୍ଚ ନିଶ୍ଚୟ କରାନ୍ତୁ । ଛୋଟ ଛୋଟ ଅଣଦେଖା ବଡ଼ ସମସ୍ୟା ସୃଷ୍ଟି କରିପାରେ ।

***<u>ଧୂମପାନ ଏବଂ ମଦ୍ୟପାନର ଅଭ୍ୟାସ-</u>***

ଯଦି ଆପଣ ଧୂମପାନ କରନ୍ତି କିମ୍ବା ବେଳେ ବେଳେ ମଦ୍ୟପାନ କରନ୍ତି, ତେବେ ୪୦ ବର୍ଷ ପରେ ଏହା ଉପରେ ନିୟନ୍ତ୍ରଣ ରଖିବା ଜରୁରୀ । ଏହି ଅଭ୍ୟାସଗୁଡ଼ିକ ନିଦ, ଚର୍ମ, ହରମୋନ୍ ଏବଂ ଓଜନ ସମସ୍ତଙ୍କୁ ପ୍ରଭାବିତ କରିଥାଏ । ଧୀରେ ଧୀରେ ଏଗୁଡ଼ିକଠାରୁ ଦୂରତା ରଖନ୍ତୁ ଏବଂ ସୁସ୍ଥ ଜୀବନଶୈଳୀ ଆଡ଼କୁ ପାଦ ବଢ଼ାନ୍ତୁ ।

ତେବେ ଏହି ୭ଟି ଖରାପ ଅଭ୍ୟାସକୁ ଆଜି ହିଁ ବାଏ-ବାଏ କୁହନ୍ତୁ ଏବଂ ନିଜ ୪୦ ବର୍ଷ ପରେ ଜୀବନକୁ ସୁସ୍ଥ, ଖୁସି ଏବଂ ସକାରାତ୍ମକ କରନ୍ତୁ । କାରଣ ଯେତେବେଳେ ଆପଣ ସୁସ୍ଥ ରହିବେ, ସେତେବେଳେ ଆପଣଙ୍କ ପୂରା ପରିବାର ଖୁସିରେ ରହିବେ । ବର୍ତ୍ତମାନ ନିଜକୁ ପ୍ରାଥମିକତା ଦେବାର ସମୟ ଆସିଛି । ଏହି ଅଭ୍ୟାସଗୁଡ଼ିକୁ ଛାଡ଼ନ୍ତୁ ଏବଂ ଏକ ସୁସ୍ଥ ଜୀବନ ଆଡ଼କୁ ପାଦ ବଢ଼ାନ୍ତୁ ।




ବିଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇ ବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁର୍ଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ । କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।

ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁର୍ଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ ।

ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା, ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ସବୁଠୁ ଭଲ ସାଙ୍ଗ, ବହି ପଢ଼ିବାକୁ ଭୁଲନ୍ତୁ ନାହିଁ । କାରଣ ଗୋଟେ ଭଲ ବହି ଜୀବନର ଅନେକ ଭଲ କଥା ଶିଖାଇଦିଏ , ବଞ୍ଚିବାର ବାଟ ଦେଖାଇଦେବାରେ ସହାୟକ ହୋଇଥାଏ ।

# ସକାଳୁ ଶୀଘ୍ର ଉଠିବାରେ ଅସୁବିଧା ହେଉଛି କି ? ଆପଣାନ୍ତୁ ଏହିସବୁ ଟିପ୍ସ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଅନେକ ଲୋକଙ୍କ ପାଇଁ ସକାଳୁ ଶୀଘ୍ର ଉଠିବା ଏକ ବଡ଼ ସମସ୍ୟା ପାଲଟିଛି । ରାତିରେ ବିଳମ୍ବରେ ଶୋଇବା ଏବଂ ସକାଳୁ ଡେରିରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ଯାହା ଦ୍ୱାରା ପୂରା ଶରୀରରେ ବିଭିନ୍ନ ସମସ୍ୟା ଦେଖାଦିଏ । କିନ୍ତୁ କିଛି ସହଜ ଉପାୟ ଆପଣେଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିପାରିବ । ତେବେ ଜାଣନ୍ତୁ ଶୀଘ୍ର ଉଠିବାର କିଛି ସହଜ ଉପାୟ ।

ଶୋଇବା ଏବଂ ଉଠିବାର ସମୟ ନିର୍ଦ୍ଧାରିତ କରନ୍ତୁ : ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଏବଂ ଉଠିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ଭାବରେ କାମ କରେ । ଏହାଦ୍ୱାରା ଆପଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନିଦ ଆସିବ ଏବଂ ସକାଳୁ ବିନା ଆଲାର୍ମରେ ମଧ୍ୟ ନିଦ ଭାଙ୍ଗିଯିବ ।

ଆଲାର୍ମକୁ ଦୂରରେ ରଖନ୍ତୁ: ଯଦି ଆପଣଙ୍କୁ ଆଲାର୍ମ ବନ୍ଦ କରି ପୁଣି ଶୋଇପଡ଼ିବାର ଅଭ୍ୟାସ ଅଛି, ତେବେ ଆଲାର୍ମ ଘଣ୍ଟା କିମ୍ବା ମୋବାଇଲକୁ ବିଛଣାଠାରୁ ଦୂରରେ ରଖନ୍ତୁ । ଏହାଦ୍ୱାରା ଆପଣଙ୍କୁ ଆଲାର୍ମ ବନ୍ଦ କରିବାକୁ ଉଠିବାକୁ ପଡ଼ିବ, ଯାହା ଆପଣଙ୍କ ନିଦ ଭାଙ୍ଗିବାରେ ସାହାଯ୍ୟ କରିବ ।

ରାତିରେ ହାଲୁକା ଖାଦ୍ୟ ଖାଆନ୍ତୁ: ରାତିରେ ଅଧିକ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନକ୍ରିୟାରେ ସମସ୍ୟା ହୋଇପାରେ, ଯାହା ଭଲ ନିଦରେ ବାଧା ସୃଷ୍ଟି କରେ । ତେଣୁ ଶୋଇବାର ଅତି କମ୍ ?ରେ ଦୁଇ ଘଣ୍ଟା ପୂର୍ବରୁ ହାଲୁକା ଖାଦ୍ୟ ଖାଇବା ଉଚିତ୍ ।

ଶୋଇବା ପୂର୍ବରୁ ଇଲେକ୍ଟ୍ରୋନିକ୍ସ ଉପକରଣଠାରୁ ଦୂରେଇ ରୁହନ୍ତୁ: ମୋବାଇଲ, ଲାପଟପ୍ କିମ୍ବା ଟିଭିରୁ ବାହାରୁଥିବା ନୀଳ ଆଲୋକ ମସ୍ତିଷ୍କକୁ ସକ୍ରିୟ ରଖେ ଏବଂ ମେଲାଟୋନିନ୍ ଅର୍ଥାତ୍ ନିଦ ପାଇଁ ସୃଷ୍ଟି ହେଉଥିବା ହରମୋନ୍ କ୍ଷରଣରେ ବାଧା ସୃଷ୍ଟି କରେ । ତେଣୁ ଶୋଇବାର ଅତି କମ୍‌ରେ ଏକ ଘଣ୍ଟା ପୂର୍ବରୁ ଏଗୁଡ଼ିକର ବ୍ୟବହାର ବନ୍ଦ କରନ୍ତୁ ।

ସକାଳ ପାଇଁ ଏକ ଲକ୍ଷ୍ୟ ସ୍ଥିର କରନ୍ତୁ: ଯେତେବେଳେ ଆପଣଙ୍କ ପାଖରେ ସକାଳୁ ଉଠିବା ପାଇଁ କୌଣସି କାରଣ ଥାଏ, ଉଠିବା ସହଜ ହୋଇଯାଏ । ସକାଳୁ ବ୍ୟାୟାମ କରିବା, ପଢ଼ିବା କିମ୍ବା ନିଜର କୌଣସି ମନପସନ୍ଦର କାମ କରିବା ପାଇଁ ଯୋଜନା କରନ୍ତୁ ।

ପର୍ଯ୍ୟାପ୍ତ ପରିମାଣର ନିଦ : ଜଣେ ବୟସ୍କ ବ୍ୟକ୍ତି ପାଇଁ ଦୈନିକ ୭-୮ ଘଣ୍ଟାର ନିଦ ଆବଶ୍ୟକ । ଯଦି ଆପଣ ପର୍ଯ୍ୟାପ୍ତ ନିଦ ନେଉନାହାନ୍ତି, ତେବେ ସକାଳୁ ଉଠିବା କଷ୍ଟକର ହେବ । ତେଣୁ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ ।

## ୧୮% ବନାମ ୦%: ଏ କେମିତିକା ବନ୍ଧୁତା ?

ଦୀର୍ଘ ଏକ ବର୍ଷର କୂଟନୈତିକ ଆଲୋଚନା ଏବଂ ଅନିଶ୍ଚିତତା ପରେ ଶେଷରେ ଭାରତ ସରକାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତିର ରୂପରେଖ ଚୂଡ଼ାନ୍ତ କରିଛନ୍ତି । ୨୦୨୬ ମସିହା ଫେବୃଆରୀ ମାସରେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣାକୁ ସରକାର ଏକ ସଫଳତା ବୋଲି ଦାବି କରୁଥିଲେ ମଧ୍ୟ, ବାସ୍ତବରେ ଏହା ଭାରତ ପାଇଁ ଏକ କୂଟନୈତିକ ବିଜୟ ଅପେକ୍ଷା ଏକ ଆର୍ଥିକ ବିପର୍ଯ୍ୟୟ ଭଳି ମନେହେଉଛି । ଏହି ଚୁକ୍ତି ଭାରତର ବାଣିଜ୍ୟିକ ସ୍ୱାର୍ଥ, କୃଷକମାନଙ୍କ ଭବିଷ୍ୟତ ଏବଂ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଆମେ ଏହି ଘଟଣାକ୍ରମର ଗଭୀର ବିଶ୍ଳେଷଣ କରିବା, ତେବେ ସ୍ପଷ୍ଟ ହୋଇଯିବ ଯେ 'ଶୂନ୍ୟ ଶୁଳ୍କ' ଏବଂ 'ବୃହତ ଆମେରିକୀୟ କ୍ରୟ'ର ମିଠା ପ୍ରତିଶ୍ରୁତି ଭିତରେ ଭାରତ ନିଜର ବଜାରକୁ ଆମେରିକା ପାଇଁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିଦେଇଛି, ଯାହା ଆଗାମୀ ବର୍ଷମାନଙ୍କରେ ଦେଶର ଅର୍ଥନୀତିକୁ ଗଭୀର ଭାବରେ ବାଧିତ କରିବ ।

ପ୍ରଥମେ ଏହି ଚୁକ୍ତିର ପୃଷ୍ଠଭୂମିକୁ ବୁଝିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପୂର୍ବରୁ ଭାରତ ୨୦୨୫-୨୬ କେନ୍ଦ୍ରୀୟ ବଜେଟରେ ଆମେରିକୀୟ ଉତ୍ପାଦଗୁଡ଼ିକ ଉପରେ ଅନେକ ଶୁଳ୍କ ରିହାତି ଘୋଷଣା କରିଥିଲା । କିନ୍ତୁ ଏହାର ପ୍ରତିବଦଳରେ ଆମେରିକା ପକ୍ଷରୁ କୌଣସି ଠୋସ ପ୍ରତିଶ୍ରୁତି ମିଳିନଥିଲା । ୨୦୨୫ ଫେବୃଆରୀ ୧୩ରେ ଜାରି କରାଯାଇଥିବା ମିଳିତ ବିବୃତ୍ତିରେ ଭାରତର ଦୁର୍ବଳ ମୂଳଚାଲ କ୍ଷମତା ସ୍ପଷ୍ଟ ବାରି ହୋଇପଡ଼ିଥିଲା । ଆମେରିକା କେବଳ ଭାରତୀୟ ଆମ୍ବ ଏବଂ ଡାଳିମ୍ବ ରପ୍ତାନିକୁ ପ୍ରଶଂସା କରିଥିଲା, ଯାହାକି ୨୦୧୨ ମସିହାରୁ ହିଁ ଅନୁମତିପ୍ରାପ୍ତ ଥିଲା । ଅନ୍ୟପକ୍ଷରେ, ଭାରତ ଆମେରିକାର ବାଇକ୍, ଆଇସିଟି ଉତ୍ପାଦ, ଧାତୁ ଏବଂ କୃଷିଜାତ ଦ୍ରବ୍ୟ (ଯଥା ଆଲଫାଲଫା ଘାସ ଓ ବତକ ମାଂସ) ପାଇଁ ନିଜ ବଜାର ଖୋଲିଦେଇଥିଲା । ଏହା ସତ୍ତ୍ୱେ ଭାରତୀୟ ବାର୍ତ୍ତାଳାପକାରୀମାନେ ଏକ 'ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି'ର ମିଥ୍ୟା ଆଶ୍ୱାସନାରେ ସନ୍ତୁଷ୍ଟ ରହିଥିଲେ, ଯାହା ବାସ୍ତବରେ କେବେ ଫଳପ୍ରଦ ହେଲା ନାହିଁ ।

ଟ୍ରମ୍ପଙ୍କ 'ପାରସ୍ପରିକ ଶୁଳ୍କ' (Reciprocal Tariff) ନୀତି ଭାରତ ପାଇଁ ଏକ ବଡ଼ ଧକ୍କା ଥିଲା । ଆମେରିକା ସହ ବାଣିଜ୍ୟ ନିଅଣ୍ଟକୁ ଆଧାର କରି ଟ୍ରମ୍ପ ଭାରତ ଉପରେ ୨୬ ପ୍ରତିଶତ ପାରସ୍ପରିକ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ । ଏହାର ମୁକାବିଲା କରିବା ପରିବର୍ତ୍ତେ, ଭାରତୀୟ ନେତୃତ୍ୱ ଏକ ଅସମାନ ବୁଝାମଣାରେ ରାଜି ହୋଇଗଲେ । ବର୍ତ୍ତମାନର ଚୁକ୍ତି ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କକୁ ୨୫ ପ୍ରତିଶତରୁ କମାଇ ୧୮ ପ୍ରତିଶତ କରିଛି । କିନ୍ତୁ ଏହାର ବିନିମୟରେ ଭାରତ ଆମେରିକାର ସମସ୍ତ ଶିଳ୍ପଜାତ ଦ୍ରବ୍ୟ ଏବଂ ଅଧିକାଂଶ କୃଷିଜାତ ସାମଗ୍ରୀ ଉପରେ ଆମଦାନି ଶୁଳ୍କକୁ 'ଶୂନ୍ୟ' କିମ୍ବା ଅତି ନଗଣ୍ୟ ସ୍ତରକୁ ଖସାଇ ଦେଇଛି । ଏହା ଏକ ଅତ୍ୟନ୍ତ ଅସମାନ ବ୍ୟବସ୍ଥା । ଗୋଟିଏ ବିକାଶଶୀଳ ଦେଶ (ଭାରତ) ଏକ ଧନୀ ଦେଶ (ଆମେରିକା) କୁ ରପ୍ତାନି କରିବା ପାଇଁ ୧୮ ପ୍ରତିଶତ ଟିକସ ଦେବ, ଅଥଚ ସେହି ଧନୀ ଦେଶର ସାମଗ୍ରୀ ବିନା ଶୁଳ୍କରେ ଭାରତୀୟ ବଜାରରେ ପ୍ରବେଶ କରିବ । ଏହା କେବଳ ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିକାରକ ନୁହେଁ, ବରଂ ଜାତୀୟ ସ୍ୱାଭିମାନ ପ୍ରତି ମଧ୍ୟ ଏକ କୁଠାରାଘାତ ।

ଏହି ଚୁକ୍ତିର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି କୃଷି କ୍ଷେତ୍ର । ଭାରତ ସରକାର ବାରମ୍ବାର ଦାବି କରିଆସୁଥିଲେ ଯେ କୃଷକମାନଙ୍କ ସ୍ୱାର୍ଥ ସହ କୌଣସି ସାଲିସ କରାଯିବ ନାହିଁ । କିନ୍ତୁ ବାସ୍ତବ ଚିତ୍ର ଓଲଟା । ଏହି ଚୁକ୍ତି ଫଳରେ ଆମେରିକାର ଦୁଗ୍ଧଜାତ ସାମଗ୍ରୀ, ଜିନଗତ ପରିବର୍ତ୍ତିତ (GM) ସୋୟାବିନ୍, ମକା ଏବଂ କୁକୁଡ଼ା ମାଂସ ଭାରତୀୟ ବଜାରରେ ପ୍ରବେଶ କରିବ । ପୂର୍ବରୁ ଭାରତ ଏହି ସାମଗ୍ରୀଗୁଡ଼ିକ ଉପରେ କଟକଣା ଲଗାଇଥିଲା କାରଣ ଆମେରିକାରେ ଗୋରୁମାନଙ୍କୁ ମାଂସାହାରୀ ଖାଦ୍ୟ ଦିଆଯାଏ ଏବଂ ଜିଏମ୍ ଶସ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । କିନ୍ତୁ ବର୍ତ୍ତମାନ 'ଅଣ-ଶୁଳ୍କ ପ୍ରତିବନ୍ଧକ' (Non-Tariff Barriers) ହଟାଇବା ନାମରେ ଏହି ସବୁ ନିୟମକୁ କୋହଳ କରାଯାଇଛି । ଏହା ଦ୍ୱାରା ଭାରତର କ୍ଷୁଦ୍ର ଚାଷୀ ଏବଂ ଦୁଗ୍ଧ ଉତ୍ପାଦନକାରୀମାନେ ଆମେରିକାର ବୃହତ କର୍ପୋରେଟ୍ କୃଷି ବ୍ୟବସ୍ଥା ସହ ପ୍ରତିଯୋଗିତା କରିବାକୁ ବାଧ ହେବେ, ଯାହା ସେମାନଙ୍କ ଜୀବିକାକୁ ବିପନ୍ନ କରିବ ।

ଶ୍ରମ-ନିବିଡ଼ କ୍ଷେତ୍ରଗୁଡ଼ିକ ଉପରେ ଏହି ଚୁକ୍ତିର ପ୍ରଭାବ ଅତ୍ୟନ୍ତ ଭୟାବହ ହେବ । ବସ୍ତ୍ରଶିଳ୍ପ, ଚମଡ଼ା ଶିଳ୍ପ, ହସ୍ତଶିଳ୍ପ ଏବଂ ରତ୍ନ-ଅଳଙ୍କାର ଭଳି କ୍ଷେତ୍ର, ଯାହା ଭାରତର ରପ୍ତାନିର ପ୍ରାୟ ଅଧା ଅଂଶ ଏବଂ ନିଯୁକ୍ତିର ଏକ ବଡ଼ ଉତ୍ସ, ସେଗୁଡ଼ିକ ଉପରେ ୧୮ ପ୍ରତିଶତ ପାରସ୍ପରିକ ଶୁଳ୍କ ଲାଗୁ ରହିବ । ଅନ୍ୟପକ୍ଷରେ, ଜାପାନ, ଭିଏତନାମ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକ ଆମେରିକା ସହ ୧୫ରୁ ୨୦ ପ୍ରତିଶତ ମଧ୍ୟରେ ଚୁକ୍ତି କରିଛନ୍ତି । ତେଣୁ, ଅନ୍ତର୍ଜାତୀୟ ବଜାରରେ ଭାରତୀୟ ଉତ୍ପାଦଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବ ଏବଂ ପ୍ରତିଯୋଗିତାରେ ତିଷ୍ଠି ରହିବା କଷ୍ଟକର ହେବ । ଏହା ଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ନଷ୍ଟ ହେବାର ଆଶଙ୍କା ରହିଛି । ସରକାର ଯେଉଁ ୫୦୦ ବିଲିୟନ ଡଲାରର ଆମେରିକୀୟ ଶକ୍ତି ଓ ପ୍ରଯୁକ୍ତି କ୍ରୟ କରିବାର ପ୍ରତିଶ୍ରୁତି ଦେଇଛନ୍ତି, ତାହା ଭାରତର ବାଣିଜ୍ୟ ନିଅଣ୍ଟକୁ ଆହୁରି ବଢ଼ାଇବ ।

ଏହି ଚୁକ୍ତିର ଆଉ ଏକ ଦିଗ ହେଉଛି ଋଷିଆ ସହ ତୈଳ ବାଣିଜ୍ୟ ଉପରେ ଆମେରିକାର ନିୟନ୍ତ୍ରଣ । ଟ୍ରମ୍ପଙ୍କ ଚାପରେ ଭାରତ ଶସ୍ତା ଋଷୀୟ ଅଶୋଧିତ ତୈଳ କିଣିବା ବନ୍ଦ କରିବାକୁ ରାଜି ହୋଇଛି । କେବଳ ସେତିକି ନୁହେଁ, ଆମେରିକାର ଅଧିକାରୀମାନଙ୍କୁ ନେଇ ଗଠିତ ଏକ କମିଟି ଭାରତର ତୈଳ ଆମଦାନି ଉପରେ ନଜର ରଖିବ । ଯଦି ଭାରତ ପରୋକ୍ଷରେ ମଧ୍ୟ ଋଷୀୟ ତୈଳ କିଣେ, ତେବେ ପୁନର୍ବାର ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଯିବ । ଏହା ଏକ ସ୍ୱାଧୀନ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଅପମାନଜନକ । ଏହା କେବଳ ଭାରତର ଶକ୍ତି ନିରାପତ୍ତାକୁ ବିପଦରେ ପକାଇବ ନାହିଁ, ବରଂ ଦେଶର ବୈଦେଶିକ ନୀତିର ସ୍ୱାଧୀନତାକୁ ମଧ୍ୟ କ୍ଷୁଣ୍ଣ କରିବ । ଶସ୍ତା ତୈଳ ଆମଦାନି ବନ୍ଦ ହେବା ଫଳରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବ, ଯାହାର ସିଧାସଳଖ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିବ ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ଚୁକ୍ତି ସ୍ୱାକ୍ଷର କରିବାର ସମୟ । ଆମେରିକାର ସୁପ୍ରିମକୋର୍ଟରେ ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ନୀତି ବିରୋଧରେ ମାମଲା ଚାଲିଛି ଏବଂ ଅଦାଲତ ଏହାକୁ ବେଆଇନ ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏଭଳି ସ୍ଥିତିରେ ଭାରତ ସରକାର କାହିଁକି ଏତେ ତରବରିଆ ଭାବେ ଏହି ଚୁକ୍ତି କଲେ ? ଯଦି ଭାରତ ଆଉ କିଛି ଦିନ ଅପେକ୍ଷା କରିଥାନ୍ତା, ତେବେ ହୁଏତ ଏହି ୧୮ ପ୍ରତିଶତ ଶୁଳ୍କର ବୋଝ ମୁଣ୍ଡାଇବାକୁ ପଡ଼ିନଥାନ୍ତା । ଏହି ଅଦୂରଦର୍ଶୀ ନିଷ୍ପତ୍ତି ଯୋଗୁଁ ଭାରତ ଏକ ସ୍ଥାୟୀ ବାଣିଜ୍ୟିକ ଜାଲରେ ଛନ୍ଦି ହୋଇଗଲା । ଅନ୍ୟ କୌଣସି ପ୍ରମୁଖ ଦେଶ ଗତ କିଛି ମାସ ମଧ୍ୟରେ ଆମେରିକା ସହ ଏଭଳି ଚୁକ୍ତି କରିନାହାନ୍ତି, କିନ୍ତୁ ଭାରତର ବ୍ୟଗ୍ରତା ଦେଶକୁ ଏକ କ୍ଷତିକାରକ ସ୍ଥିତିରେ ପହଞ୍ଚାଇ ଦେଇଛି । ଏପରିକି ଦେଶର ବାଣିଜ୍ୟ ମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ପରସ୍ପର ଉପରକୁ ଦୋଷ ଲଦୁଛନ୍ତି, ଯାହା ସରକାରଙ୍କ ମଧ୍ୟରେ ଥିବା ସମନ୍ୱୟର ଅଭାବକୁ ପଦାରେ ପକାଇଛି ।

ତେବେ, ଏହି ଚୁକ୍ତିର ନକାରାତ୍ମକ ଦିଗଗୁଡ଼ିକ ସ୍ପଷ୍ଟ ହୋଇଥିଲେ ମଧ୍ୟ, ଏହାକୁ କେବଳ ଏକ ସମ୍ପୂର୍ଣ୍ଣ ବିଫଳତା ବୋଲି ବିଚାର କରିବା ହୁଏତ ତରବରିଆ ହେବ । ଆମେରିକା ସହ ଭାରତର ସମ୍ପର୍କ କେବଳ ବାଣିଜ୍ୟରେ ସୀମିତ ନୁହେଁ; ପ୍ରତିରକ୍ଷା, ମହାକାଶ ଗବେଷଣା, ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା (Technology) କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ଯେହେତୁ ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି, ସରକାରଙ୍କ ପାଇଁ ପରବର୍ତ୍ତୀ ପଦକ୍ଷେପ ଅତ୍ୟନ୍ତ ନିର୍ଣ୍ଣାୟକ ହେବ । ଏହି ନୂତନ ବାଣିଜ୍ୟ ବ୍ୟବସ୍ଥାରେ ତିଷ୍ଠି ରହିବା ପାଇଁ ସରକାରଙ୍କୁ ତୁରନ୍ତ ଘରୋଇ ଶିଳ୍ପ, ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) ଏବଂ କୃଷି କ୍ଷେତ୍ର ପାଇଁ ସ୍ୱତନ୍ତ୍ର ସୁରକ୍ଷା ପ୍ୟାକେଜ୍ ଓ ପ୍ରୋତ୍ସାହନ ଘୋଷଣା କରିବାକୁ ପଡ଼ିବ । ଯଦି ଭାରତୀୟ ଶିଳ୍ପଜଗତ ଏହି କଠିନ ପ୍ରତିଯୋଗିତାକୁ ଗ୍ରହଣ କରି ନିଜର ଉତ୍ପାଦନ ଦକ୍ଷତା ଓ ଗୁଣବତ୍ତା ବୃଦ୍ଧି କରିପାରନ୍ତି, ତେବେ ଦୀର୍ଘମିଆଦୀ ସ୍ତରରେ ଆମେରିକାର ବିଶାଳ ବଜାରରେ ଭାରତ ଏକ ଶକ୍ତିଶାଳୀ ସ୍ଥାନ ଦଖଲ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଏହି ଚୁକ୍ତି ଭାରତ ପାଇଁ ଏକ କଠିନ ପରୀକ୍ଷା ନିଶ୍ଚୟ, କିନ୍ତୁ ସଠିକ୍ ନୀତି ନିର୍ଦ୍ଧାରଣ ଓ ପରିଚାଳନା ଦ୍ୱାରା ଏହି ଆହ୍ୱାନକୁ ଭବିଷ୍ୟତରେ ଏକ ସୁଯୋଗରେ ପରିଣତ କରାଯାଇପାରିବ ବୋଲି ଆଶା କରାଯାଏ ।

## ବିଜୟ ଭୂମିରେ ଅଧିକ ସମୟ ରହିବା ଠିକ ନୁହେଁ



ଅଜୟ କୁମାର ବେହେରା

ଏହା ଥରେ ନୁହେଁ ଅନେକ ଥର ପରୀକ୍ଷା ହେଲା ପରେ ଏହାକୁ ଜ୍ଞାନୀ ଗୁଣୀମାନେ କହିଛନ୍ତି । ଯେଉଁ ସ୍ଥଳରେ ହେଉ ମାମଲା ହେଉ, ଯୁଦ୍ଧ ହେଉ, ରାଜ ହେଉ ଏହା ଏକାପରି ସ୍ଥିତି । ମୁକୁଟ, ପଦର ଲୋଭ ସମସ୍ତଙ୍କର ଆସେ, ଯଦି ପାଇଗଲେ ଆସେ ପରବର୍ତ୍ତୀ ଲୋଭ ଅଧିକ ଦିନ କେମିତି ସେହି ଆସନରେ କିପରି ରହିବାକୁ ହେବ । ଏପାଇଁ ଖଳବୁଦ୍ଧିମାନ ମନକୁ ଆସେ । ପ୍ରଥମ ପଦବୀକୁ ଆସିଲାବେଳେ ଯେ ଶାସନରେ ଥିଲେ ତାଙ୍କର ଛିଦ୍ର ସବୁ ଲୋକଙ୍କ ଆଗରେ ବୟାନ କରି ଅନେକ ହୃଦୟ ଜିଣି ପାରି ଭୋଟ ପାଇ ଆସି ଯିବେ । ମାତ୍ର ଏମିତି ସମସ୍ୟାରେ ନିଜେ ବହୁଦିନ ରାଜ କଲେ ବା ପଦବୀରେ ରହିଲେ ନିଜେ ସେହିପରି ସ୍ଥିତିରେ ପଡ଼ିବେ । ବ୍ରହ୍ମା ସ୍ରଷ୍ଟା ଦେବତା ସେ ଧ୍ୱଂସର ଦେବତା ନୁହଁନ୍ତି, ଯେଉଁ ଶାସନ ଅଧିକାରୀ ଯାହା ଯୋଜନା କରି ସୃଷ୍ଟି କରିଥାନ୍ତି ତାକୁ ସେ ପୁଣି ନିଜେ ଧ୍ୱଂସ କଲେ ଜନ ମତ କେବେ ସେହି ଅଧିକାରୀଙ୍କ ସପକ୍ଷରେ ଯାଏ ନାହିଁ । ଓଲଟି ଲୋକେ ତାଙ୍କ ବିଦ୍ରୋହୀ ହୁଅନ୍ତି, ରାଜ୍ୟ ବା ଦେଶ ଦେବାଳିଆ ହତଲକ୍ଷ୍ମୀ ହୋଇଥାଏ । ଅର୍ଜିତ ସୁନାମ ଅଧିକ ଦିନ ପଦବୀରେ ରହିବା ଲୋକଙ୍କ ରହେନାହିଁ । ଏପରିକି ମହାପ୍ରତାପୀ ବି ବେଶିଦିନ କଦାପି ରହି ପାରିବେ ନାହିଁ । ପ୍ରତ୍ୟେକ ସ୍ତରରେ ଏହା ବ୍ୟବହାର ହୋଇ ଆସୁଛି । ମୋଗଲ ବାଦଶାହଙ୍କ ପ୍ରତାପ ରହିନାହିଁ । ବ୍ରିଟିଶ ରାଜ ଭାରତରେ ରହିନାହିଁ, ଦେଶ ସ୍ୱାଧୀନରେ ଯେଉଁ କଂଗ୍ରେସ ଏତେ ଲୋକ ଗ୍ରାହ୍ୟ ଥିଲା ତହିଁରୁ ଭିନ୍ନ ମତ ହୋଇ ହୋଇ ଜନତାଙ୍କ ଦୃଢ଼ ବିଶ୍ୱାସରୁ ଦୂରେଇ ଯାଉଛି । ଦେଶର କଂଗ୍ରେସର ରାଜ ନାହିଁ, ଜ୍ୟୋତିବସୁଙ୍କ କମ୍ୟୁନିଷ୍ଟ ପ୍ରଶାସନ ରାଜଲୋକପ୍ରିୟ କଂଗ୍ରେସ ପ୍ରଶାସନକୁ ଇତି କରି ଆସିଥିଲା କିନ୍ତୁ ତାହାକୁ ସେହି ରାଜ୍ୟ ଲୋକ ହଟାଇ ତୃଣମୂଳର ମା, ମାଟି, ମାନୁଷର ଆୱାଜ ଦେଉଥିବା ପ୍ରଶାସନକୁ ଆସୀନ କରିଥିଲେ । ପୁଣି କ'ଣ ହେଲା ଭିନ୍ନ ସ୍ୱର ଉଠୁଛି କାହିଁକି ? ଅନେକ ସମୟରେ କୁଣିଆଁଙ୍କୁ କାନ୍ଥ ଭରା ଲାଗିବା ପରି ଗତାନୁଗତ ସ୍ଥିତିରେ ନୂଆ ଉପଗତମାନେ ରଙ୍ଗ ଦେଇ କଥାକୁ ଲୋକଙ୍କ ମନମୋହିବାକୁ ପୁରା ଚେଷ୍ଟାର ଦମ ଲଗାନ୍ତି ଲୋକଙ୍କର କର ପଇସା ସୀମିତରେ ଧୀରେ ଧୀରେ ପ୍ରଗତି ନକରି ବହୁ ମହାଜନ ଠାରୁ କରଜ ଆଣି ବାହାବା ଦେଖାଇବା କାମ କରିଚାଲିଲେ । ଯେଉଁ କରଜ ଧନ ସମୂଳ ସୁଧ ସହ ଫେରାଇବାକୁ ପଡ଼େ ଆଉ ତାର ଚୁକ୍ତି ସମୟ ଖିଲାପ ଇ-ମୁକାବିଲା କିଏ କରେ କଣ କେତେ ଦଣ୍ଡ ଦେବାକୁ ପଦି ପରେ ଦଣ୍ଡ ଭୋଗ ହୋଇାପରେ । ଏ ହେଜ ପର ଧନ ଗୁଡ଼ମୁଆଁ ଚିନ୍ତନ ଆଉ ମୋଗଲ ତାମସା ପରି ଖର୍ଚ୍ଚ ଉପଭୋଗ କରିଯିବା ଦେଶ ରାଜ୍ୟ ଲୋକଙ୍କୁ ଅଥଳ ସମୁଦ୍ରକୁ ଠେଲି ଦେଇଯିବା ପରିସ୍ଥିତି କରିଦେବା ହେଉଛି । ଲୋକ କଥା ଅଛି ବଡ଼ ଶିଳ୍ପପତିଙ୍କ ପରିବାରରେ ଯଦି ନାରୀମାନେ ଗର୍ଭବତୀ ହେବା ଜଣାପଡ଼େ ତେବେ ଭୃଣ ସାକାର ଅଭିବୃଦ୍ଧି ହୋଇ ସଂସାରକୁ ଆସିବାମାତ୍ରେ ତାର ନାମରେ ଏକ ଶିଳ୍ପ କାରଖାନା, ସେମିତି ଏ ଦେଶରେ ପିଲା ଜନ୍ମମାନେ ତା ମୁଣ୍ଡରେ ଋଣ ଭାର ବଢ଼ିବାରେ ଲାଗୁଛି, କୌଣସି ନେତା ଦେଶକୁ କିପରି ଋଣ ଆଉ ନକରି, ପୂର୍ବ ଋଣଙ୍କୁ ବାରମ୍ବାର ଶୋଧ କରି ଦେଶକୁ ଆଦାୟ ରାଜକରରେ କିପରି ସ୍ୱୟଂ କ୍ରିୟ କରାଯାଇପାରିବ ଏ ଭାବନା ଆସୁନାହିଁ । କନ୍ୟା ବିବାହରେ ଅଳଙ୍କାର ସୁନା, ଆବଶ୍ୟକ ବରଘର କନ୍ୟାକୁ, କନ୍ୟାଘର ବରକୁ ସକ୍ଷମ ଅନୁସାରେ ଅଳଙ୍କରଣ କରିବା ରହିଆସିଛି । ଏ ସମୟରେ ସୁନା ଯେଉଁ ମୂଲ୍ୟ ଏଥିରେ କେବଳ ଧନୀ ପରିବାର ପାଇଁ ବିବାହ ପାଇଁ ମନ ଦେବେ, କାହାରି ଆୟ ବିବର୍ଦ୍ଧନର ହାର ବଢୁନାହିଁ ହେଲେ ପ୍ରଶାସନରେ ରହିବା ଲୋକଙ୍କ ଦରମାର ଅଭିବୃଦ୍ଧି ହୋଇଚାଲିଛି, ଚୋରୀ ରାହାଯାନୀ ସାଇବର ଠକେଇ ଯେଉଁ ହାରରେ ବଢୁଛି ଏହା ଆଗକୁ ଆହୁରି ବଢ଼ିବ । କି ଦରକାର ଅଛି ମନ୍ଦିର ମସଜିଦ ଅଧିକ ନିର୍ମାଣ କରିବା, ଦର୍ଶକ ବଣିକ ବଢୁଛନ୍ତି ନା ଭକ୍ତ ବଢୁଛନ୍ତେତି ? ହରିବୋଲ ହୁଳହୁଳିରେ ଉଚ୍ଛୁଳୁଛି କିନ୍ତୁ ଭୋଗ କାହିଁ ? ସବୁବେଳେ ଅତିରୁ ଇତି ଆସେ ବର୍ତ୍ତମାନର ଜୀବନ ଧାରା ଇତି ଆଡ଼କୁ ଦୌଡୁଛିକି ?


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,

ମୋ : ୯୪୩୭୦୩୧୨୫୩


## ଶରୀର ତତ୍ତ୍ୱରେ ଆତ୍ମା, ପରମାତ୍ମା ଓ ଜୀବାତ୍ମାର ବିଶ୍ଳେଷଣ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପୁରାତନ କବି ରଘୁନାଥ ଦାସଙ୍କ ଭଜନ ' ବହୁ ଚାଲି ନ ଜାଣଇ ଗୋ ପାଦ ପଡୁଥାଏ ବଙ୍କା' ହୁଏତ ଆପଣମାନେ ସମସ୍ତେ ବିଭିନ୍ନ ଗାୟକଙ୍କ କଣ୍ଠରେ ବେତାରରୁ ଅବା ଟିଭିରୁ କିମ୍ବା ଲୋକଙ୍କ ମୁଖରୁ ନିଶ୍ଚିତ ଶୁଣିଥିବେ । ଏହି ଭଜନ ଶୁଣିବାକୁ ଯେତିକି ମଧୁର ଲାଗେ ଏହାର ମର୍ମ ମଧ ସେତିକି ସାରଗର୍ଭକ । ଅର୍ଥାତ୍ ଏହା ଏକ ଶରୀର ତତ୍ତ୍ୱକୁ ନେଇ ମୂଲ୍ୟବାନ ଲେଖା ବା ଭଜନ ଯାହାକୁ ଅତି ସୁନ୍ଦର ଭାବରେ ରଘୁନାଥ ଦାସ ଲେଖି ଯାଇଛନ୍ତି । ଭଜନ । ଏହି ଭଜନର ପ୍ରକୃତ ଅର୍ଥ ତଥା ଏଥିରେ ଅନ୍ତର୍ନିହିତ ଥିବା ଶରୀରତତ୍ତ୍ୱ କଥାକୁ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । ଆସନ୍ତୁ ଜାଣିବା ଏହି ଭଜନର ସମସ୍ତ ପଂକ୍ତିର ଅନ୍ତର୍ନିହିତ କଥାକୁ । ଏହି ଭଜନ ଟିରେ ଛଅ ଗୋଟି ପଂକ୍ତି ଅଛି ଓ ଏହା ଶରୀର ତତ୍ତ୍ୱର ଜୀବ ପରମ ଉପରେ ବିଶେଷ ଆଧାରିତ ।

ଭଜନର ପ୍ରଥମ ପଦ ହେଲା - ବୋହୂ ଚାଲି ନ ଜାଣଇ ଗୋ /ପାଦ ପଡୁଥାଏ ବଙ୍କା - ଯେଉଁ ଦିନ ବୋହୂ ସଳଖି ଚାଲିବ / ଘରେ ପଡ଼ିଯିବ ଡକା । ଏଠାରେ ପ୍ରାଣବାୟୁ କୁ ଏକ ନବାଗତ ବଧୂ ସହିତ ତୁଳନା କରିଛନ୍ତି । ଏ ଶରୀର ରୂପକ ଘରର ବୋହୂ ହେଉଛି ପ୍ରାଣବାୟୁ । ଶରୀରରେ ପାଞ୍ଚ ବାୟୁ ପ୍ରବାହିତ । ସେମାନେ ହେଲେ ପ୍ରାଣ , ଅପାନ , ସମାନ , ବ୍ୟାନ ଓ ଉଦାନ । ପ୍ରାଣବାୟୁ ବାମ ନାସାପୁଟ , ଦକ୍ଷିଣ ନାସାପୁଟ ରେ ପ୍ରବାହିତ । ଏହାକୁ ଚନ୍ଦ୍ରାୟଣ , ସୂର୍ଯ୍ୟାୟଣ କୁହାଯାଏ । ନିଶ୍ୱାସ , ପ୍ରଶ୍ୱାସର ଗତିକୁ ପ୍ରାଣବାୟୁ କୁହାଯାଏ । ଏହାର ସ୍ୱାଭାବିକ ଗତି ବାର ଆଙ୍ଗୁଳ । ନିଶ୍ୱାସରେ ଯାଏ ଦ୍ୱାଦଶ ଆଙ୍ଗୁଳ ଆଉ ପ୍ରଶ୍ୱାସରେ ଆସେ ଦ୍ୱାଦଶ ଆଙ୍ଗୁଳ । ଶରୀରର ଭିନ୍ନ ଭିନ୍ନ କ୍ରିୟାରେ ଭିନ୍ନ ଭିନ୍ନ ଆଙ୍ଗୁଳ ପ୍ରାଣବାୟୁ ପ୍ରବାହିତ ହୁଏ । ବୋହୂର ପାଦ ସୀମିତ ବ୍ୟବଧାନରେ ବାର ଆଙ୍ଗୁଳ ମଧ୍ୟରେ ବଙ୍କେଇ ବଙ୍କେଇ ଚାଲୁଥାଏ ପାଦକୁ ଥାପି ଥାପି । ମାତ୍ର ଯେତେବେଳେ ସିଧା ଚାଳନା କରେ ସେତେବେଳେ ଆମେ କହୁ ଗୋଟିକିଆ ପକାଇଲାଣି ଉର୍ଦ୍ଧ ନିଶ୍ୱାସ ନେଲାଣି ଶେଷ ସମୟ ହେଲାଣି ବୋଲି କହିଥାଉ ତାହା ହେଲା ପ୍ରାଣବାୟୁର ବେଗ ବଢିଯାଏ ଅର୍ଥାତ୍ ସଳଖି ଚାଲି ବାର ଆଙ୍ଗୁଳ ରୁ ତେର ଆଙ୍ଗୁଳ ହୋଇଯାଏ ଆଉ ସେତେବେଳେ ଶରୀର ଛାଡି ପ୍ରାଣବାୟୁ ଚାଲିଯାଏ । ଆତ୍ମୀୟ ସ୍ୱଜନ ମାନେ ଡକା ପକାନ୍ତି ଅର୍ଥାତ୍ ବାହୁନି ବାହୁନି କ୍ରନ୍ଦନ ବା ବିଳାପ କରିଥାନ୍ତି ।

ଭଜନର ଦିତୀୟ ପଦ - ଯେଉଁଦିନ ବୋହୂ ବାପ ଘର ଠାରୁ /ଅଇଲା ଶଶୁର ଘରକୁ - ଆପଣା ପତିର ସଙ୍ଗେ ସଙ୍ଗ ନାହିଁ /ରସରେ ରସାଏ ପରକୁ । ଏଠାରେ ଜୀବାତ୍ମା ମାତୃ ଗର୍ଭରେ ଥିଲା । ଏହା ହିଁ ବୋହୂର ବାପଘର । ବିଶ୍ୱପତି ତାକୁ ମାତୃ ଗର୍ଭରେ ସ୍ଥାନ ଦେଲେ । ମାତୃ ଗର୍ଭରେ ଜୀବ ଥିଲା ବେଳେ ପରମାତ୍ମାଙ୍କୁ ଭଜୁଥିଲା ଓ କହୁଥିଲା ହେ ପ୍ରଭୁ , ଯଦି ମୋତେ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଦେବାର ସୁଯୋଗ ଦିଅନ୍ତି , ତେବେ ମୁଁ ଆପଣଙ୍କୁ ନିରନ୍ତର ଭଜୁଥିବି । ଜୀବ ଯେବେ ଶଶୁର ଘରକୁ ବୋହୂ ହୋଇ ଆସିଲା ଅର୍ଥାତ୍ ମର୍ତ୍ତ୍ୟରେ ଜନ୍ମ ଲାଭ କଲା , ସେତେବେଳେ ସେ ମାତୃ ଗର୍ଭରେ ଆପଣା ପତି ଅର୍ଥାତ୍ ପରମାତ୍ମାଙ୍କୁ ଦେଇଥିବା କଥା ଭୁଲିଗଲା । ସାଂସାରିକ ବନ୍ଧନରେ ବାଂଧି ହୋଇ ସମସ୍ତଙ୍କର ଆନନ୍ଦର କାରଣ ହେଲା ଓ ଆପଣା ପତିର ସଙ୍ଗେ ସଙ୍ଗ ଛାଡ଼ି ଅର୍ଥାତ୍ ନିଜ ପତି ବା ପରମାତ୍ମାଙ୍କୁ ଭୁଲି ସେ ସଂସାର ମୋହ ମାୟାରେ ପଡ଼ି ପରକୁ ଅର୍ଥାତ୍ ସଂସାରର ଲୋକମାନଙ୍କୁ ରସରେ ରସାଇଲା ଓ ନିଜର ଇଷ୍ଟଦେବ ସ୍ୱାମୀଙ୍କୁ ସମ୍ପୂର୍ଣ୍ଣ ଭୁଲିଗଲା ।

ଭଜନର ତୃତୀୟ ପଦ - ପାଞ୍ଚ ଭଲ ଲୋକ ବୁଝାଇ କହିଲେ /ନ ବୁଝିଲା ବୋହୂ ତିଳେ - ଅନ୍ନ ପାଣି ବୋହୂ କିଛି ନ ଖାଇଣ /ରହିଛି ଶୂନ୍ୟ ଆହାରେ । ଏଠାରେ ଗାଆଁର ପାଞ୍ଚ ଜଣ ଭଦ୍ର ଲୋକ ଆସି ବୋହୂକୁ ବୁଝାସୁଝା କଲେ, ଅର୍ଥାତ୍ ସେଇ ପାଞ୍ଚ ଭଦ୍ରଲୋକ ହେଲେ ପାଞ୍ଚ ମନ । ସେମାନେ ହେଲେ ମନ , ଅମନ , ବିମନ , କୁମନ ଓ ସୁମନ । ଶରୀର ରୂପକ ବୃକ୍ଷରେ ଆତ୍ମା ଓ ପରମାତ୍ମା ତଥା ଜୀବ ଓ ପରମ ରୂପରେ ଦୁଇଟି ପକ୍ଷୀ ବାସ କରନ୍ତି ଓ ଜୀବ ଭୋକ୍ତା ରୂପେ କର୍ମଫଳ ଭୁଞ୍ଜୁଥାଏ । ଏ ପାଞ୍ଚ ମନ ଯେତେ ଚେଷ୍ଟା କଲେ ମଧ୍ୟ ବୋହୂ ସେମାନଙ୍କ କଥାକୁ ହେୟ କରିଥାଏ । ଅନ୍ନ ପାଣି ବୋହୂ ନ ଖାଇଣ ତଥା ଶୂନ୍ୟ ଆହାରେ ମାନେ ପରମାତ୍ମା ନିଲିପ୍ତ , ନିର୍ବିକାର ଓ ଅନଶନ ରହି ଜୀବର ଗତିବିଧି ଲକ୍ଷ୍ୟ କରନ୍ତି । ଭୋଗ , ଲାଳସା , କାମନା , ବାସନା ଆଦି ସାଂସାରିକ ମାୟା ତାକୁ ସ୍ପର୍ଶ କରି ପାରେ ନାହିଁ । ଏହି ଅର୍ଥରେ ଅତିବଡି ଜଗନ୍ନାଥ ଦାସ ଭାଗବତରେ ଲେଖିଲେ - 'ଏକଇ ବୃକ୍ଷେ ହଂସ ଦୁଇ / ବସନ୍ତି ମିତ୍ର ଭାବ ବହି । ସମାନ ବୃକ୍ଷେ ସେ ବସନ୍ତି / ଏବେ ଆରକେ ନ ଦେଖନ୍ତି । ସେ ବୃକ୍ଷେ ଯେତେ ଫଳ ଫଳେ / ଏକ ଭୁଞ୍ଜଇ କର୍ମ ବଳେ । ଆରକେ ଥାଏ ଭବବାସେ / ନିର୍ଲିପ୍ତ ନିରଞ୍ଜନ ଆଶେ '

ଭଜନର ଚତୁର୍ଥ ପଦ - ପଚିଶ ନଣନ୍ଦ ଜଞ୍ଜାଳ କରନ୍ତି /ବୋହୂ ମୋର ବାରୁଆଳୀ - ବୋହୂ ଦୁରୁ ଦଣ୍ଡୀ ସହି ନ ପାରଇ /ବୁଲଇ ପଡ଼ିଶା ଓଳି । ଏଠାରେ ଜୀବାତ୍ମା ରୂପୀ ବୋହୂର ପଚିଶ ନଣନ୍ଦ ହେଲେ , ପଚିଶ ପ୍ରକୃତି । ଅର୍ଥାତ୍ ଏକାଦଶ ଇନ୍ଦ୍ରିୟ + ଏକାଦଶ ବିଷୟ + ବୁଦ୍ଧି + ଅହଂ + ମହତ୍ = ୨୫ ପ୍ରକୃତି । ଏମାନେ ହେଲେ :- ନିଦ୍ରା , କ୍ଷୁଧା , ତୃଷ୍ଣା , ଆଳସ୍ୟ , ଆହାର , କ୍ରୋଧ , ଲୋଭ , କାମ , ହାସ୍ୟ , ଲଜ୍ଜା , ହିଂସା , ବୀରତ୍ୱ , ବିଚାର , ବିଚଳିତ , ଶାନ୍ତି , ଅଶାନ୍ତି , କୁଟ , ଗନ୍ଧ , ରସ , ସ୍ପର୍ଶ , ବିତୃଷ୍ଣା , ଭୟ , ଅଭିମାନ , ଲାଳସା ଓ ମୈଥୁନ । ଏହି ନଣନ୍ଦ ମାନେ ବୋହୂକୁ ବାରୁଆଳୀ କରି ଆକ୍ଷେପ କରନ୍ତି । କିନ୍ତୁ ସେ ଦୁର୍ଦ୍ଦଣ୍ଡୀ ବୋହୂ ଏମାନଙ୍କ କଥାକୁ ଭ୍ରୂକ୍ଷେପ ନକରି ମୁକ୍ତ ଭାବେ ସବତ୍ର ଭ୍ରମଣ କରେ । ଅର୍ଥାତ୍ ଆତ୍ମା ଏକ ନିର୍ଦ୍ଦିଷ୍ଟ ଶରୀର ରୂପକ ଘରେ ଆବଦ୍ଧ ନ ରହି ଘଟରୁ ଘଟାନ୍ତର ତଥାଦେହରୁ ଦେହାନ୍ତର ବୁଲୁଥାଏ । ଭଜନ ର ପଞ୍ଚମ ପଦ - ବୋହୂ ଗୋଟିକ ମୁଁ କରି ଆଣିଥିଲି / କାଉନ୍ଦା ଘରର ଝିଅ - ବାଞ୍ଝ କରକଟୀ ନୁହଁଇ ଲମ୍ପଟୀ /ବୋହୂ ଆଡେ ତିନି ପୁଅ । ଏଠାରେ ମାତୃଜର ରୂପକ କାଉନ୍ଦା ଘରୁ ବୋହୂ ଆସିଛି । ସେ ବନ୍ଧ୍ୟା ବା ବାଞ୍ଝ ନୁହେଁ କି ମୃତ ବତ୍ସା ନୁହେଁ କି ଦୋଚାରୁଣୀ ବା ବ୍ୟାଭିଚାରଣୀ ମଧ୍ୟ ନୁହେଁ । କାରଣ ସେ ସତ୍ତ୍ୱ ( ସାତ୍ତ୍ୱିକ ) ତମ ( ତାମସିକ ) ଓ ରଜ ( ରାଜସିକ ) ନାମକ ତିନି ସନ୍ତାନର ଜନନୀ । ପ୍ରତ୍ୟେକ ଜୀବର ଏହି ତିନୋଟି ଗୁଣ ଥାଏ । ଭାଗବତରେ ଏହାକୁ ତିନୋଟି ଦଉଡି ବୋଲି କୁହାଯାଇଛି । ଯେଉଁ ଦଉଡ଼ିକୁ ଧରି ପରମାତ୍ମା ଜୀବାତ୍ମାକୁ ନଚାଉଛନ୍ତି । ' ତ୍ରିଗୁଣ ରଜ୍ଜୁ କରେ ଧରି / ମୃଗୀ ଚରାଏ ନରହରି '

ଭଜନ ର ଷଷ୍ଠ ପଦ - ପୁଅ ବୋହୂ ଦୁହେଁ ଏକତ୍ର ହୋଇଲେ /ଚତୁର୍ବର୍ଗ ଫଳ ପାଇ - ରଘୁନାଥ ଦାସ ଭରସା କରିଛି /ବୋହୂକୁ ଭେଟିବା ପାଇଁ । ଏଠାରେ ପୁଅ ବୋହୂଙ୍କର ମନ ମିଳିଲେ ଘର ବୈକୁଣ୍ଠରେ ପରିଣତ ହୋଇଯାଏ । ପୁଅ ବୋହୂଙ୍କର ଏକତ୍ର ଭେଟ ହେବା ଅର୍ଥ ଜୀବାତ୍ମା ସହ ପରମାତ୍ମାଙ୍କ ମିଳନ ହେବା । ଏହି ମିଳନ ହେଲେ ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ । ଅର୍ଥାତ୍ ଧର୍ମ , ଅର୍ଥ , କାମ ମୋକ୍ଷ ଲାଭ ହୋଇଥାଏ । ଏହାକୁ ପୁରୁଷାର୍ଥ ମଧ୍ୟ କୁହାଯାଏ । ମଣିଷ ଜନ୍ମ ସାର୍ଥକ ହୋଇଥାଏ । ବୋହୂକୁ ଭେଟିବା ପାଇଁ ଅପେକ୍ଷାରେ କବି ଅର୍ଥାତ୍ କବି ରଘୁନାଥ ଆତ୍ମସାକ୍ଷାତକାର ପାଇଁ ଆଶାୟୀ ହୋଇଛନ୍ତି । ଆତ୍ମା ପରମାତ୍ମା ମିଳନ ହୋଇଗଲେ ସେମାନେ ପୁରୁଣା ଘର ( ଶରୀର ) କୁ ଛାଡ଼ି ନୂଆ ଘର ( ନବକଳେବର ) କୁ ଚାଲିଯାଆନ୍ତି । 'ଜୀବ ପରମ ଦୁହିଁଙ୍କର ବିଚାର / ଚାଲ ଏ ଘରୁ ହୋଇଯିବା ବାହାର । ଏହା ଏକ ମୂଲ୍ୟବାନ କବିତା ତଥା ପଦାବଳୀ ଯାହା ଆଜି କାଲିର ପିଢି ମାନେ ଏ ଭଜନ ବୁଝିବା ତ ଦୂରର କଥା ଜାଣି ମଧ ନ ଥିବେ । ଏହାକୁ ସମସ୍ତେ ହୃଦୟଙ୍ଗମ କରିପାରିଲେ ଜୀବନତତ୍ତ୍ୱ ଉପରେ ବହୁ କିଛି ଜାଣିପାରନ୍ତେ ।


+ଅରଙ୍ଗାବାଦ ବରୀ ଯାଜପୁର

ମୋ: ୮୨୪୯୫୦୨୭୭୬





### ତାହାର କ'ଣ ଯାଏ ?

ନିରଞ୍ଜନ ସାହୁ

କବିତା ଲେଖିଲେ ଯାହା ବାବଦରେ
ଲେଖିବାକୁ ଇଛା ଥାଏ
ସିଏ କିନ୍ତୁ ଏବେ ପଚାରେନା ମୋତେ
ତାହାର ବା କ'ଣ ଯାଏ ?

କବିତା ଲେଖିବା ଚିନ୍ତାଧାରା ଯେବେ
ମୋହରି ମନକୁ ଆସେ
ଭାବନା ଭିତରେ ସିଏ ଆସିଗଲେ
ମନରୁ ଚିନ୍ତାକୁ ନାଶେ
କଲମ ମୋହରି ଶତମୁଖ ହୋଇ
ତାହାରି ପ୍ରଂଶସା ଗାଏ ।

କଲମ ଲେଖଇ ବର୍ଣ୍ଣନା କରିକି
ତାହା ବାବଦରେ ଯାହା
ପାଠକ ତାହାର ଗୁଣ ଗାଉଥାନ୍ତି
ପାଠ କରିସାରି ତାହା
ଏମିତି କବିତା ଲେଖୁଛି ବୋଲି ମୁଁ
ଆମ ଘରେ ଗାଳି ଖାଏ ।

କବିତାଟା ଯଦି ସିଏ ପଢୁଥିବ
ରାଗେ ଯାଉଥିବ ଜଳି
ଭାବୁଥିବ ଯଦି ପାଖରେ ପାଆନ୍ତା
ମୋ ସାଥେ ଲଗାନ୍ତା କଳି
ମନେମନେ ସିଏ କହି ହେଉଥିବ
ଲେଖିକି କଅଣ ପାଏ ?

କବିତା ଲେଖିବା ବନ୍ଦ ହୋଇଗଲେ
ଖୁସି ହୋଇପାରେ ସିଏ
ମୁଁ କିନ୍ତୁ କଦାପି ଖୁସି ହେବିନାହିଁ
ଭାବୁଥାଉ ଯାହା ଯିଏ
ହୋଇପାରେ ମୁହିଁ ଏହି ଦୁନିଆରେ
ଅଲୋଡ଼ା ମଣିଷଟାଏ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

### କୃମି ନାଶକ ଦିବସ

ଅସୀମା ପ୍ରଧାନ

ଫେବୃୟାରୀ ଦଶ କୃମିନାଶକ ଦିବସ ।
ସଚେତନ ହେଲେ
କୃମିରୋଗ ହେବ ଶେଷ ।
ପରିଷ୍କର ପରିଚ୍ଛନ୍ନତା ଅତି ଜରୁରୀ
ରହିବ ତ ଦେହ ଭଲ ନିଶ୍ଚୟ ସବୁରି ।
ସୁସ୍ଥ ଦେହ ପାଇଁ କୃମି ନିବାରଣ କର
କୃମି ନାଶକ ଅନ୍ତରାଳେ ସରବେ ଖାଅ ।
ପିଲାଙ୍କୁ ତ କୃମି ଶୀଘ୍ର ଆକ୍ରାନ୍ତ କରାଇ
ଧିରେ ଧିରେ ଲକ୍ଷଣ ପ୍ରକଶିତ ହୁଅ ।
ବାରମ୍ବାର ଝାଡ଼ା ହୋଇ ପେଟ ତ ଫୁଲଇ
ଭୋକ କମି ଯାଇ ପିଲା ଦୁର୍ବଳ ହୁଅଇ ।
ରକ୍ତ ହୀନତା ହୋଇ ଚର୍ମ ଫିକା ପଡଇ
ରାତି ସାରା ମଳଦ୍ୱାର କୁଣ୍ଡାଇ ହୁଅଇ ।
ଶାରୀରିକ ବିକାଶରେ ବାଧା ଉପୁଜଇ
ଏକାଗ୍ରତା ପାଠ ଦକ୍ଷତା ନଷ୍ଟ ହୁଅଇ ।
ମାଟି ରେ ଖେଳି ଯଦି
ହାତକୁ ନ ଧୋଇବା
ମଇଳା ହାତରେ ଖାଇ କୃମିକୁ ଡାକିବା ।
ଖାଲି ପଦେ ଯଦି ମଳ ଉପରେ ଚାଲିବା
କୃମି କୁ ତ ଦେହକୁ ନିମନ୍ତ୍ରଣ କରିବା ।
କୃମି ରୋଗ ବୋଲି
ଜାଣି ନ ପାରି ସରବେ
କୃମି ନାଶକ ଯେ
ଦେଇ ନ ଥାନ୍ତି ଗରବେ ।
ନିୟମିତ କୃମି ନାଶକ ସର୍ବେ ଖାଇବା
ନିଜ ସହ ଅନ୍ୟେ ସଚେତନ କରାଇବା ।
କୃମି ନାଶକ ଖାଇଲେ ତ ରହିବା ସୁସ୍ଥ
ପଡ଼ିବା ନାହିଁ କେବେ
ଆମେ ରୋଗଗ୍ରସ୍ତେ ।

+ବୀରମହାରାଜପୁର, ସୁବର୍ଣ୍ଣପୁର

### ଭାଲେଣ୍ଟାଇନ୍ ଡେ'ର ମହିମା

ଜୟନ୍ତ କୁମାର ମଲ୍ଲିକ୍

'ଭାଲେଣ୍ଟାଇନ୍ ଡେ'ର ମହିମା
କହିଲେ ସରିବ ନାହିଁ -
ଏହି ଦିନଟିକୁ ପ୍ରେମିକ ପ୍ରେମିକା
ରହିଥାନ୍ତି ସଦା ଚାହିଁ ।
ଗୋଲାପ ଦିଆରୁ ଆରମ୍ଭ ହୋଇକି
ଏହିଦିନ ସରିଥାଏ-
ଦେହରେ ମନରେ ଆବେଗର ଢ଼େଉ
ଅଚାନକ ଭରିଯାଏ ।
ପ୍ରେମିକ ମାନଙ୍କ ପକେଟ୍ ଭିତରୁ
ଛୁଟଇ ଟଙ୍କାର ସୁଅ -
ହଳ ହଳ ହୋଇ ପାର୍ଟିରେ ବୁଲନ୍ତି
ଦାମୀ ନାମୀ ପୁଅ ଝିଅ ।
ସର୍ବ ସାଧାରଣ ସ୍ଥାନରେ ସେମାନେ
ଚୁମା ଦିଆଦିଇ ହୋଇ -
ଘାସ ଗାଲିଚାରେ ନିଜ ନିଜ କୋଳେ
ଶୋଇଯାନ୍ତି ମୁଣ୍ଡ ଥୋଇ ।
ପଶ୍ଚିମା ପବନ ମନ ଯଉବନ
ସବୁ ଚହଲାଇ ଦିଏ -
ପାପ ପ୍ରଣୟରେ ହୋଇ ଗର୍ଭବତୀ
ପ୍ରେମିକାଟା ବିଷ ପିଏ ।
ଅତି ମୂଲ୍ୟହୀନ ଅଟଇ ଏ ଦିନ
କରେ ନରେ ନର୍କଗାମୀ -
ସାହା ହୁଅ ପଥଭ୍ରଷ୍ଟ ମଣିଷଙ୍କୁ
ଦୟାକରି ଅନ୍ତର୍ଯ୍ୟାମୀ ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର ଯାଜପୁର, ଓଡ଼ିଶା
ମୋ -୯୪୩୭୮୬୫୭୨୭

### ଜଳ ଓ ଜୀବନ

ମମତା ବଗର୍ତ୍ତୀ

ଜଳର ଭୂମିକା ଜୀବନେ ଆମ
ଅଟଇ ଭାରି ଗୁରୁତ୍ୱପୂର୍ଣ୍ଣ,
ପ୍ରକୃତିର ଏହା ଅମୂଲ୍ୟ ସମ୍ପଦ
କରିବା ଜଳର ସଂରକ୍ଷଣ ।

ପଶୁ ପକ୍ଷୀ ବୃକ୍ଷ ଲତା ମଣିଷ
ବଂଚାଏ ସଭିଙ୍କ ଜୀବନ,
ସବୁ କାର୍ଯ୍ୟରେ ବ୍ୟବହୃତ ହୁଏ
ଯଦିଓ ଅଟଇ ରଙ୍ଗ ବାସ ହୀନ ।

ନିତ୍ୟକର୍ମ ରୋଷେଇ ବାସ
ଚାଷ କାର୍ଯ୍ୟ ପୂଜାର୍ଚ୍ଚନା
ସବୁ କାର୍ଯ୍ୟ କରେ ସଂପାଦନ,
ପାଇଥାଏ ଜଳ ପ୍ରାଧାନ୍ୟତା
କରିଥାଏ ସଭିଙ୍କ ତୃଷ୍ଣା ନିବାରଣ ।

ଜଳର ଯେମିତି ନ ହେଉ କ୍ଷୟ
ହେବାକୁ ପଡିବ ସଚେତନ,
ଜଳ ବିନା ଯେ ସବୁ ଅସମ୍ଭବ
ଜଳର ଅନ୍ୟ ନାମ ହିଁ ଜୀବନ ?

+ରାଣୀକଟା, ବଲାଙ୍ଗୀର

## ପ୍ରେମ ଯାତ୍ରା

### ଅନାଦି ସେଠୀ



ପିଲାବେଳେ ପ୍ରେମ ଆସେ
ନିର୍ମଳ ସ୍ନିଗ୍ଧତାରେ,
ମା'ର କୋଳରେ, ବାପାଙ୍କ ହସରେ,
ଭାଇ-ଭଉଣୀ ସାଥିରେ
ଖେଳର ରୋଳରେ,
ସେଥିରେ ନଥାଏ ଲୋଭ, ନଥାଏ ଛଳନା
ଥାଏ କେବଳ ସ୍ନେହର ନିଛକ ଦାନ।

ଯୌବନ ଆସିଲେ ପ୍ରେମ ଖୋଜା ହୁଏ,
ସ୍ୱପ୍ନରେ ଲୁଚିଥାଏ ମାୟାବୀ ରୂପ,
ଚାହାଣିରେ ଜଳେ, ଶବ୍ଦରେ ଜୁଡ଼େ,
ସାକ୍ଷାତରେ ହୁଏ ହୃଦୟର କମ୍ପନ।

ତାକୁ ପାଇବାକୁ ହୁଏ ଲଢେଇ,
ତ୍ୟାଗ ଓ ସହନଶିଳାରେ
ଜୀବନକୁ ମାଜିବାକୁ ହୁଏ,
ସ୍ୱପ୍ନରେ ରଙ୍ଗ, ହୃଦୟରେ ଗୀତ,
ସମୟରେ ପ୍ରେମ ହୁଏ ସବୁଠୁଁ ପ୍ରିୟ ସଫଳତା।

କିନ୍ତୁ ବୃଦ୍ଧ ବେଳେ ପ୍ରେମ ହୁଏ ଅଭିଳାଷୀ,
ଯେଣୁ ନିର୍ଜନ କୋଣରେ ବସିଥାଏ ମନ,
ସାଥିରେ ଜୀବନର ସ୍ମୃତିର ପୃଷ୍ଠା,
ଯାହାକୁ ପୁଣିଥରେ ପଢ଼ିବାକୁ ଇଚ୍ଛା।

ପ୍ରେମ ମାଗିବାକୁ ପଡ଼େ, ଖୋଜିବାକୁ ପଡ଼େ
ସନ୍ତାନଠୁଁ, ପରିବାରଠୁଁ, ସାଥି ଠୁଁ ।

ମାଗିଥିବା ପ୍ରେମରେ ଅଛି ନିଆରା ସ୍ୱାଦ,
କାରଣ ସେଥିରେ ଥାଏ
ଜୀବନର ସାରା ମାଦକତା।

ପ୍ରେମ- ପିଲା ବେଳେ ମାଗଣା,
ଯୌବନରେ ଅନ୍ୱେଷଣ,
ବୃଦ୍ଧ ବେଳେ ଅଭିଳାଷ,
କିନ୍ତୁ ସତ୍ୟ ଯେ, ପ୍ରେମ ବିନା ଜୀବନ
ଅସମ୍ପୂର୍ଣ୍ଣ, ନିଷ୍ଫଳ, ଅନିର୍ବାଣ ।


❤ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,
ଖୋର୍ଦ୍ଧା


## ଅସ୍ତଗାମୀ ସୂର୍ଯ୍ୟ

### ସ୍ନିଗ୍ଧା ପଣ୍ଡା



ଆକାଶ ନାଇଚି ସିନ୍ଦୁର ଟୋପାଟେ କିଛି କିଛି ବୋଲି ହେଇଗଲାଣି
ମିଟିମିଟି କରି ଦୁଆରକୁ ଆସି ସନ୍ଧ୍ୟାତାରା ଟିକେ ହସି ଦେଲାଣି ।
ଦୂର ପାହାଡର ସେପାଖେ ଆଲୁଅ ଏପାଖରେ ତା'ର ଲେଉଟବେଳ
ନିଜ ନିଜ ଘରେ ଯିବାକୁ ଗହଳ ଜୀବନର ଛାଇଛାଇକା ଖେଳ ।

କେଡେ ପ୍ରତାପୀ ଏ ଆକାଶର ରାଜା ଧୀରେଧୀରେ ଯାଏ ତଳକୁ ନଇଁ
ଛଇ ଛଟକରେ ସଜେଇ ହେଉଚି ପଛେପଛେ ଚାନ୍ଦ ଆସିବାପାଇଁ ।
ଦାଉଦାଉ ସୂର୍ଯ୍ୟ ଲୁଚେ ଦିନ ଶେଷେ ଶୋଇଯାଏ ନିଦେ କମଳକଳି
ଆରମ୍ଭର ଶେଷ ଶେଷରୁ ଆରମ୍ଭ ଦୁନିଆଁର ରୀତି ଆସୁଛି ଚଳି ।

ଅବଶ ଶରୀର ଧୋଇଲା ବେଳକୁ ଚୁନା ଚୁନା ସୁନା ଜଳକୁ ଖସେ
ବାହୁଡ଼ା ପକ୍ଷୀର ଗୀତ ଶୁଣୁଶୁଣୁ ମହମହ ମଲ୍ଲୀ ମହକି ବାସେ ।
ନିଜକୁ ଡିଆରେ ଦୀପ ଜଳିଜଳି ରାତି ଭୟ ଜୟ କରିବା ପାଇଁ
ଜାଣିଥାଏ କାଲି ସକାଳକୁ ତାକୁ ମନେ ମନେ କେହି ଝୁରିବେ ନାହିଁ ।

ସନ୍ଧିକ୍ଷଣର ସେ ଟିକି ପ୍ରାର୍ଥନାଟି ସୁରେ ପୃଥିବୀର ସୁରଟି ମିଶେ
ପୂର୍ଣ୍ଣଚ୍ଛେଦ ନୁହେଁ କମାଟିଏ ସିଏ ପୁଣି ନୂଆ ଗୋଟେ ସକାଳ ଆଶେ ।


❤ ଲହଣ୍ଡା, ବରଗଡ଼-୭୬୮୧୧୧
ମୋ- ୯୮୬୧୩୨୩୬୫୦


## ପ୍ରେମର ପ୍ରତିଧ୍ୱନି

### ବିଶ୍ୱନାଥ କର



କିଛି ମଧୁମୟ ଅନାହତ
ମଧୁର ସଂଗୀତର ମୂର୍ଚ୍ଛନା
ଗୁଞ୍ଜରିତ ହୁଏ ମୋ ଚାରିପାଖରେ
ଆମ୍ବ ବଉଳର ଭୁରୁ ଭୁରୁ ବାସ୍ନା ସହ ମିଶି
ପ୍ରତିଧ୍ୱନିତ ହୁଏ ପ୍ରେମର ବର୍ଣ୍ଣମାଳାର ସ୍ୱର
ଆହ୍ଲାଦିତ ସ୍ୱପ୍ନ ସବୁ କାନ ଡେରି ଶୁଣନ୍ତି
ପ୍ରେମର ସେ ଗୁଣୁ ଗୁଣୁ ମୃଦୁ ପ୍ରତିଧ୍ୱନି ।

ପ୍ରେମର ମହକର କୁହୁକରେ ମୋ ଛାତିର ସ୍ପନ୍ଦନ
ପ୍ରଜାପତିର ଡେଣାରେ ବସି
ଘୁରି ବୁଲେ ମୋ ଚାରିପାଖେ ସାରା ରାତି
ନୀଳ ଆକାଶର ପ୍ରତୀକ୍ଷାରେ
କେଉଁ ଅସ୍ପୃଷ୍ଟ ପ୍ରେମୋଦ୍ୟାନର ବୁଲ୍‌ବୁଲ୍ ସାଜି
ଅବା ନବ ପଲ୍ଲବିତ ଆମ୍ରକୁଞ୍ଜରେ
କୋଇଲିଟିଏ ସାଜି
କୁହୁକୁହୁ ଗୀତ ଗାଇଗାଇ ।

ହୁଏତ ମୋ ପ୍ରେମର ପ୍ରତିଧ୍ୱନି
ଗୁଞ୍ଜରିତ ହେଉଥିବ
ତମ ହୃଦୟର ସ୍ପନ୍ଦନ ସାଥିରେ
ତମ ମନ ଉଦ୍ୟାନରେ ଫୁଟାଉଥିବ
ରଙ୍ଗ ବେରଙ୍ଗର ଫୁଲ
ସାରା ରାତି ତମେ ଉଲ୍ଲସିତ ହେଉଥିବ
ସେଇ ପ୍ରତିଧ୍ୱନିର ଜଳ ତରଙ୍ଗର
ବୀଣାଜିଣା ରାଗିଣୀରେ ।

ପ୍ରେମର କଣ ରୂପ ଅଛି ଯେ
ମୁଁ ଦେଖେଇ ପାରବି ତମକୁ
ଶୁଣିବାକୁ ହୁଏ କେବଳ
ହାଲକା ହାଲକା ପବନରେ ତାର ପ୍ରତିଧ୍ୱନି
ନୁପୂରର ଧ୍ୱନି, ଶ୍ରାବଣର ଗୀତ ଭଳି
ଫଗୁଣର ନୂଆ ନୂଆ ଗୀତ ।

ପ୍ରେମର ବି ସାତଟି ରଙ୍ଗ ଅଛି ଇନ୍ଦ୍ରଧନୁ ଭଳି
ତା ପ୍ରତିଧ୍ୱନିର ବି ସାତଟି ସ୍ୱର ଅଛି
ସାତଟି ଋତୁରେ ଝୁମେ ନାଚେ ଗୀତ ଗାଏ
ପ୍ରତିଶ୍ରୁତି ଦିଏ
ଏକ ଚିରନ୍ତନ ନିରୁତା ଭଲ ପାଇବାର ।


❤ ସାଇ କଲୋନୀ, ଦେଉଳ ସାହି,
ତୁଳସୀପୁର କଟକ -୮
(ମୋ) ୯୭୭୬୩୩୨୬୩୯


## ନିର୍ଯାତିତ

### ଲକ୍ଷ୍ମୀପ୍ରିୟା ମାଇତି



ସେମାନେ ସିସିଆରଠୁ କମ୍ ନଥିଲେ
ସିପେହୀଠୁ କମ୍ ନଥିଲେ
ଯୋଉମାନେ ବିନା ହାଜତରେ
ମୋତେ ନାକାବନ୍ଦୀ କରିଥିଲେ
ଯୋଉମାନେ ପକେଇଥିଲେ
ବିନା ଶିକୁଳିରେ ମୋ ପାଦରେ ବେଡି
ବିନା ବାସ୍ତବରେ କରିଥିଲେ
ମୋର ଚରିତ୍ର ସଂହାର
କରିଥିଲେ ବାରମ୍ବାର ମୋତେ କଟାକ୍ଷ।

ବିନା ଚାବୁକରେ ଆଦେଇ କରିଥିଲେ
ମୋ ମୁହଁରୁ ଗୋଟେ ପରେ ଗୋଟେ କଥା
ନିଜର ଚତୁରତା ପ୍ରଦର୍ଶନ କରି
ବୋଲେଇଲେ
ମୋରି ମୁହଁରେ ମୋର ହିଁ ବଦନାମ ।

ମୋତେ ଅମୃତ କହି
ମୋ ଦେହରେ ବିଷ ଭରି ଦେଲେ
ମୋ ମୁହଁରେ
ଅପବାଦର କଳାମେଘ କାଳିମା।

ଜୀଇଁବାର ଯୁ' ଛଡେଇ ନେଇ
ମୋ ଜୀବନକୁ କରିଦେଲେ ଏକ କାରନାମା
ସେଇମାନେ...
ଯୋଉମାନଙ୍କ ପାଇଁ ମୁଁ ସ୍ୱପ୍ନ ଦେଖୁଥିଲି
ଯୋଉମାନଙ୍କ ପାଖେ ମୁଁ ମୋର ସମସ୍ତ
ସୁଖଦୁଃଖ ବାଣ୍ଟୁଥିଲି
ଯୋଉମାନଙ୍କ ପାଇଁ
ନିଜ ମୁଣ୍ଡଝାଳ ତୁଣ୍ଡରେ ମାରି
ତିଳ ତିଳ ଦୁନିଆଁର
ଯେତେ ଯେତେ ଯନ୍ତ୍ରଣାକୁ
ଛାତିରେ ମୁଁ ବୋହିଥିଲି
ସଂସାରର ସବୁ ବୋଝକୁ
ମଥାରେ ମୁଁ ବୋହି ଚାଲୁଥିଲି
ଯୋଉମାନଙ୍କ ପାଇଁ
ମୁଁ ସର୍ବସ୍ୱକୁ ବଳି ଦେଇ
ନିଜେ ମୁଁ ଶୂନ୍ୟ ହେଇ ଯାଇଥିଲି
ସେଇମାନେ...।


❤ ସମ୍ପାଦିକା
ଅନ୍ତରୀକ୍ଷ ତ୍ରୈମାସିକ ସାହିତ୍ୟ ପତ୍ରିକା
ମୋ: ୯୪୩୯୫୩୭୫୯୨


## ଅତୀତ, ବର୍ତ୍ତମାନ ଓ ମୁଁ

### ଡ.ଭରତ ଚନ୍ଦ୍ର ଦାଶ



ଅତୀତ ଥିଲା ବୋଲିତ ମୁଁ ସ୍ୱପ୍ନ
ଦେଖିପାରୁଛି
ଅନ୍ଧାର ଥିଲେ ଆଲୋକର
ଔଜ୍ଜ୍ୱଲ୍ୟ ମାପି
ତାର ତାପ ଓ ଉତ୍ତାପ
ଦେହ ମନ ପ୍ରାଣକୁ ସମୁଜ୍ଜ୍ୱଳ କରେ
ତା'ର ରୂପ ରସ ଗନ୍ଧ
ଶରୀରକୁ ପରିପୃଷ୍ଟ କରେ
ଅତୀତ ହିଁ ବର୍ତ୍ତମାନର ଭିତ୍ତିଭୂମି
ପାଦ ଥାପି,
ଅଣ୍ଟା ସଳଖି ଠିଆ ହେବାର
କଳା କୁଶଳତା ଶିଖାଏ ଯେମିତି।

ବର୍ତ୍ତମାନ ଯୌବନର ଗୁଣଗାନ କରେ
ଦେହଭୋଗର ଐଶ୍ୱର୍ଯ୍ୟ
ସୁଖ ସମୃଦ୍ଧିର ମୋହରେ
ମାୟାଗ୍ରସ୍ତ କରାଏ
ମୋ ସ୍ତ୍ରୀ, ମୋ ଅପତ୍ୟ
ମୋ ସଂସାର ମୋ ସଂପତ୍ତିକୁ
ମୋର ମୋର କହି ମରେ
ନିଃସ୍ୱ ହୋଇ ରିକ୍ତ ହସ୍ତରେ
ବାହୁଡେ ଶରୀର ମଶାଣିରେ
ପଡିରହେ ସଂସ୍କାର ପ୍ରତୀକ୍ଷାରେ
ଲୋକ ଦେଖାଣିଆ ଲୁହ ବୁହାନ୍ତି ସମସ୍ତେ
କେବଳ ମା ଆଖିର
ଲୁହ ଦୁର୍ଲଭ ଓ ଦୁର୍ମୂଲ୍ୟ।

ମୁଁ କେବଳ ମୋର ପରିଚୟ ହୋଇ
ଜଞ୍ଜାଳ ଝଞ୍ଝଟ ମଧ୍ୟରେ
ଅଣନିଶ୍ୱାସି ହୋଇ
ମୃତପ୍ରାୟ ନିଃଶ୍ୱାସ ନିଏ
ଯେମିତି ଏବେ ମୋ
ଆଖି ସବୁଦିନ ପାଇଁ ବନ୍ଦ ହୋଇଯିବ
ସମସ୍ତଙ୍କୁ ଆପଣାର କରିବା ଭିତରେ
ସେ ଏକଲାପଣରେ ତିଷ୍ଠିରହେ
କେହି ବୁଝନ୍ତି ନାହିଁ
ସେ ଲୁହ ଗଡାଏ, ନିଜେ ଦେଖେ
ଅନ୍ୟମାନେ ଦେଖିପାରନ୍ତି ନାହିଁ।
ଏହା ନିୟତୀର ଅଦୃଶ୍ୟ
ଅଲିଖିତ ନିର୍ଦ୍ଦେଶ ବୋଧହୁଏ।


❤ ପ୍ରାକ୍ତନ ସଦସ୍ୟ,
ଓଡ଼ିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## ସମୟର ସ୍ୱାକ୍ଷର

### ବିଜୟଲକ୍ଷ୍ମୀ ପାଣିଗ୍ରାହି



ପାଣି ପରି ପ୍ରବହମାନ ସେ
ରଂଗ ଧରିପାରେ
ହସର ଅବା କାନ୍ଦର
ଛାତିକୁ ଚିତ୍ରିତ କରେ
କେବେ କଅଁଳା ବାଛୁରୀର ଟାପୁ
ତ କେବେ ରକ୍ତ ପାଦର ଚିତାରେ।

ସେ ଗାଇଲେ ଗଜଲ ଝରେ ବର୍ଷାରୁ ବସନ୍ତ
ସେ ଜଳିଲେ ଆସେ ଗ୍ରୀଷ୍ମ
ଆଉ ଥରିଲେ ଶୀତ
ସେ ଝୁଲୁଥାଏ
ଜନ୍ମ ମୃତ୍ୟୁର ବାୟାବସାରେ
କେବେ ଶତ୍ରୁ କେବେ ପୁଣି ମିତ।
ତା' ଦେହରେ ସିଆର କାଟି
ତିଆରି ହୁଏ ପଥ
ସେ ବି ନିଭାଉଥାଏ ତା' ଧର୍ମ
କେବେ ଶାନ୍ତିର...
ତ କେବେ ପ୍ରଳୟର...।


❤ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


## ଏମିତି ହେଲେ...

### ଦୀପ୍ତି ମିଶ୍ର



ନିଃଶ୍ୱାସ ଅଟକି ଗଲେ ରହିଯିବ ସମୟ...
ବିଶ୍ୱାସ ଅଟକିଗଲେ ବଢିଯିବ ସନ୍ଦେହ...
ବୟସ ଅଟକି ଗଲେ ସରିଯିବ ଆୟୁଷ,
ପବନ ଅଟକି ଗଲେ ରହିଯିବ ସନ୍ଦେଶ ।

ନଦୀ ଯଦି ରହିଯିବ କି କରିବ ନାଉରୀ,
ସିଏ ଯଦି ନ ଆସିବେ କି କରିବ ଶବରୀ,
ଫୁଲ ଯଦି ନ ଫୁଟିବ କି କରିବ ଭ୍ରମର...
ବାଟଯଦି ନଦିଶିବ କିହେବ ବାଟୋଇର।

ହସ ଯଦି ବଦଳିବ ଥଟ୍ଟା ପରିହାସରେ,
ଦିନ ଯଦି ବଦଳିବ
ରାତ୍ରୀର ଆକ୍ରୋଶରେ,
ଋତୁ ବଦଳିଲେ ମନ ବଦଳିବ ଆଗକୁ...
ତାଙ୍କ ଛଡ଼ା କିଏ ଅଛି ସବୁ ପାଣି ପାଗକୁ ।

ପ୍ରେମ ଯଦି ମିଛ ହେବ କି କରିବ
ପ୍ରେମିକା (ପ୍ରେମିକ)
ସେବାଟି ଛଳନା ହେଲେ
ଧିକ ସେହି ସେବିକା (ସେବକ) ।


❤ ବାରିପଦାଞ୍ଚ


## ବାପା

### ସୁଚରିତା ମହାନ୍ତି



ମୁଁ ଦେଖୁଥିଲି ମୋ ବାପାଙ୍କ ଜଳିବାର ଦୃଶ୍ୟ
ନିଆଁ ଝାସ ଯେତେ ଜୋରରେ
ଉପରକୁ ଉଠୁଥିଲା ବାପା
ସେତେ ଜୋରରେ ଜଳୁଥିଲେ
କିନ୍ତୁ ଆରାମରେ ଶୋଇଥିଲେ
ପ୍ରତିବାଦ ନଥିଲା ପ୍ରତିକ୍ରିୟା ନଥିଲା
ଉଃ କି ଆଃ ନଥିଲା
ଜୀବନ ଭରି ଯେମିତି ନିରବ ଥିଲେ ସେମିତି
ନିରବରେ ଶୋଇଥିଲେ

ସମସ୍ତଙ୍କ କହିବା ଅନୁସାରେ ସେ ଶବ ବା
ମୁର୍ଦ୍ଦାର ପାଲଟି ଯାଇଥିଲେ

ହଁ ମୁଁ ଦେଖିଥିଲି ମୋ ଜେଜେଙ୍କ
ଜଳିବାର ଦୃଶ୍ୟ
ସେ ବି ସେମିତି ଶୋଇଥିଲେ ନିରବରେ
ଜୁଇର ହୁତ୍ ହୁତ୍ ନିଆଁରେ

ତାଙ୍କରି ପୁଅ ତ ମୋ ବାପା
ସେ ବା କେମିତି ଯନ୍ତ୍ରଣାକୁ ବଖାଣି
ଥାନ୍ତେ ଶ୍ମଶାନ ଦାଣ୍ଡରେ

ଅନେକ ଥର ପେଟର ଭୋକ
ମନର କୋହ
ଛାତିର ଦରଜକୁ ଚାପି ରଖି
ବାଟ ହାଟ ଶେଷରେ ମଶାଣିକୁ ଯାଉଥିବା
ମଣିଷ କ'ଣ ଆତ୍ମଦହନର ମନ୍ତ୍ର ପଢ଼ି ପାରେ

ଜିଇଁ ଥାଉ ଥାଉ କେତେଥର
ତାଳୁରୁ ତଳିପା ରକ୍ତରେ ଭିଜିଥିବ
ଆଖି କୋଣରେ ଲୁହ ଜକେଇ
ପୁଣି ଶୁଖି ଯାଇଥିବ

ବୋଝର ତାଡ଼ନାରେ କେତେଥର
ଇଚ୍ଛା, ଧୈର୍ଯ୍ୟ, ଶକ୍ତି ଓ ସାମର୍ଥ୍ୟ ଭାଙ୍ଗିରୁଜି
ଭୂଇଁ ଛୁଇଁ ଥିବ
ତଥାପି ଅନ୍ୟର ଖୁସିରେ ଆତ୍ମସନ୍ତୋଷ
ଲଭୁଥିବା ମଣିଷ ମାନେ ହେଉଛନ୍ତି ବାପା

ସେଇ ବାପା ଜୀବନ ଯୁଦ୍ଧରେ ଜଳିଜଳି ଏତେ
ଶକ୍ତ ହୋଇଯାନ୍ତି ଯେ, ଜୁଇ ନିଆଁ ବା କ'ଣ
କରିଥାନ୍ତା ତାଙ୍କର
ହଁ ଅତି ବେଶିରେ ଜାଳି ଜାଳି
ପାଉଁଶରେ ପରିଣତ କରୁଥିଲା
ମୋ ବାପାଙ୍କ ଚିତା ଜଳୁଥିଲା
ସୁନା ତରଳିଲା ପରି ମୋ ବାପା ତରଳି
ତରଳି ମାଟିରେ ମିଶୁଥିଲେ
ବାପା ମାନେ ଏମିତି ଜଳନ୍ତି,

ତରଳନ୍ତି, ମାଟିରେ ମିଶନ୍ତି
ହେଲେ ନିରବତାର ମନ୍ତ୍ରକୁ କେବେ
କଡ଼ ଛଡ଼ା ଦିଅନ୍ତିନି
ବୋଧେ ବାପା ମାନଙ୍କ ଭାଗ୍ୟରେ
ଏମିତି ଜଳିବାର ଥାଏ ।

ଆଉ ଗୋଟିଏ କଥା ଜାଣନ୍ତି,
ବାପାଙ୍କ ଯିବା ପରେ ମୁଁ ଦେଖୁଥିଲି
ସେଇ ବାଟକୁ
ଯେଉଁଠି ସେ ମୋ କୁନି ଆଙ୍ଗୁଠି
ଧରି ଚାଲିବା ଶିଖେଇ ଥିଲେ

ଆଉ ଏବେ ସେ ସେଇ ବାଟଦେଇ
କୋକେଇରେ ଚାଲିଯିବାର ଦୃଶ୍ୟ

ମୋ ଡାଇରୀର ଯେତେ ପୃଷ୍ଠା
ସବୁଥିରେ ଖାଲି ବାପାଙ୍କ ମୁହଁ
ଏବେବି ଯେମିତି ବାପା ପଚାରୁଛନ୍ତି
ଭଲ ଅଛୁ , କ'ଣ ଖାଇଛୁ, ଦେହ ଭଲ ଅଛି
ତ, ବାହାର ଜାଗା ଭଲମନ୍ଦ ବୁଝି ଚଳୁଥିବୁ
ଏମିତି ଅନେକ କିଛି

ବାପାଙ୍କ ଆବର୍ତ୍ତମାନରେ
ବେଶି ବେଶି ମନେପଡ଼ିବା
ବୋଧହୁଏ ସ୍ୱାଭାବିକ କଥା ନୁହେଁ ।


❤ ବାରିପଦା,ମୟୂରଭଞ୍ଜ
ମୋ: ୯୮୧୭୫୭୧୨୦୨


## ମିଳିବେନି ବାପା ମାଆ

### ପ୍ରଶାନ୍ତ କୁମାର ନାୟକ



ମିଳିଯିବ ସବୁ ଟଙ୍କା ପଇସାରେ
ନ' ମିଳନ୍ତି ବାପା ମାଆ,
ଏଇଥି ପାଇଁତ ସାରା ସଂସାରରେ
ସର୍ବତ୍ର ତାଙ୍କରି ନାଁ ।

ଭାଇବନ୍ଧୁ ସବୁ ଯେତେ ଗୁରୁଜନ
ସଭିଙ୍କୁ ଏତିକି ନିବେଦନ,
ସବୁଠାରୁ ଉଚ୍ଚେ ବାପା ମା' ପାଇଁ
ରଖିବା ତାଙ୍କରି ସ୍ଥାନ ।

ଭାଗ୍ୟଠାରୁ ବଡ ସୌଭାଗ୍ୟ ଆମର
ବାପା ମା' ସ୍ନେହ ପାଇ
ତୁଳନା ତାଙ୍କର କି ରନତ୍ କରିବା
ସବୁ ନ୍ୟୁନ ତାଙ୍କ ପାଇଁ ।

ବାପା ମା' ଶବ୍ଦଯେ ସାର୍ଥକ ହୋଇଛି
ବଳିଦାନ ତ୍ୟାଗ ପାଇଁ
ତାଙ୍କ ପ୍ରତିଦାନ ଅତୁଳନୀୟ ଯେ
ବର୍ଣ୍ଣନା ତାହାର ନାହିଁ ।

ସମାଜ ମଙ୍ଗଳ ପାଇଁ ମୋ କବିତା
କାର୍ଯ୍ୟରେ କେବେ ଯଦି ଆସିଲା,
ସେଦିନ ଭାବିବି ଲେଖାଟି ମୋହର
ନିଶ୍ଚିତ ସାର୍ଥକ ହୋଇଲା ।


❤ ୟୁନିଟ୍-୦୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪


## ଜୀବନଟି ଏକ ପାଠାଗାର

### ପ୍ରତିଭା ଦାସ



ଜୀବନଟି ଗୋଟିଏ ପାଠାଗାର
ଅନେକ ବହି ସାଇତି ରଖା ହେଇଛି
କେଉଁ ବହି ଦିଏ ଦୁଃଖ ଯନ୍ତ୍ରଣା
ତ କିଏ ଆସେ ହସ ଖୁସୀର ବାର୍ତ୍ତା ନେଇ ।

ପ୍ରତି ବହିରେ ଗୋଟେ ଗୋଟେ କାହାଣୀ
ପ୍ରତି କାହାଣୀରେ ଭରି ରହିଛି
ମନକୁ ଛୁଇଁଲା ଭଳିଆ
ଅନେକ ହୃଦୟସ୍ପର୍ଶୀ ମନଲୋଭା ଚରିତ୍ର ।

ସେଇ ଚରିତ୍ର ଜୀବନର ମୋଡ଼ ବଦଳାଏ
କେତେବେଳେ କୋହ ଭରା ଆଖିରୁ
ଝରାଏ ଲୁହ
ଆଉ କେବେ ଆନନ୍ଦର ଅଶ୍ରୁ
ମାତ୍ର ପ୍ରତି ଚରିତ୍ରର ଭୂମିକା ନିଆରା ।

ମଣିଷ ନିଜକୁ ତୋଳି ନିଏ ଚରିତ୍ରକୁ ଦେଖି
ମାପିନିଏ ନିଜର ଚାରିପାଖର ଦୂରତ୍ୱକୁ
ବୁଝିଯାଏ ତା'ର ଲକ୍ଷ୍ୟ, କର୍ତ୍ତବ୍ୟ
ରହେ ସିଏ ଆଦର୍ଶ ଭରା
ଅନୁଶାସନ ମଧ୍ୟରେ ।

ମଣିଷ ଯଦି ସେଇ ଚରିତ୍ରରେ ବଶୀଭୂତ ନ ହୁଏ ତେବେ
ନା ହୋଇ ପାରିବ ଗୋଟେ ସୁନାଗରିକ
ନା ପାଇବ ଜଗତରେ ସମ୍ମାନ
ସବୁଠାରେ ଅପମାନିତ,
ଲଜ୍ଜିତ ହେବା ସୁନିଶ୍ଚିତ ।


❤ ନୂଆପଡ଼ା
ମୋ: ୭୮୯୪୫୨୮୪୯୩




## ଦିଗବଳୟ ସେପାଖରେ

### ଅନସୂୟା ପଣ୍ଡା



ଦିଗବଳୟ ସେପାଖରେ ଗୋଟେ ଗାଁ ଅଛି
ନ ଦେଖିବା ଯାଏ ଅନାଲୋଚିତ
ଅନେକ କଳ୍ପନାର ଚିତ୍ରବନ
ବାରମାସୀ ପକ୍ଷୀର ଗୁଞ୍ଜରଣ
ଗୀତ ଗାଏ ଝାଉଁବଣ
କୁଞ୍ଜିକୁଞ୍ଜିକା ପାହାଡରେ ସବୁଜ ଶିହରଣ।

କାଚକେନ୍ଦୁ ପାଣି ପରି
ବହୁଥାଏ ଧାରେ ଜୀବନ
ରାସ୍ତାର ଦୁଇକଡେ ଧାଡ଼ି ଧାଡ଼ି ଫୁଲର
ପ୍ରୀତିଲିପ୍ତ ସ୍ୱାଗତ ଜଣାଣ
ଅନୁକମ୍ପାରେ ଭରିଯାଏ
ଯେତେକ କ୍ଷତ ଚିହ୍ନ।

ସତରେ କ'ଣ ବସ୍ତିରେ ବାସ୍ତବତା ଚିତ୍ରଣ
ସତ୍ୟ ହୋଇ ଓହ୍ଲାଏ କଳ୍ପନା ମହଣ ମହଣ
ପ୍ରହର ପ୍ରହର ଜୀବନରେ କରେ ପଦାର୍ପଣ
ନା' ଧରୁ ଧରୁ ଭାଂଗିଯାଏ କାଚର ସପନ।

ଧୁ ଧୁ ଖରାରେ ସନ୍ତ୍ରସ୍ତ ଜୀବନ
ଲମ୍ବିଥାଏ ମରୁବାଲି ଯୋଜନ ଯୋଜନ
ବହୁଥାଏ ଝାଞ୍ଜି ସମୀପେ ଦହନ
ସତୃଷ୍ଣରେ ହଜୁଥାଏ ସପନ
ଜୀବନ ଏମିତି ଭ୍ରମ ଭିତରେ ଘୂର୍ଣ୍ଣୟମାନ
ଧୂସରିଆ ଦିଗବଳୟେ ଆଜୀବନ।


❤ ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

# ଜିଲ୍ଲାପାଳଙ୍କ ଜନସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ

ନୂଆପଡା, ୯/୨ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ, ସହରାଂଚଳ ଜଳ ଯୋଗାଣ ବିଭାଗର କାର୍ଯ୍ୟାବଳୀର ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇ. ଜନସ୍ୱାସ୍ଥ୍ୟ ଖଣ୍ଡ, ଭବାନୀପାଟଣା ସୁବ୍ରତ କୁମାର ଦାଶ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପସ୍ଥାପନା କରିଥିଲେ । ସମୀକ୍ଷାରୁ ଜଣାଗଲା ଯେ, ଜିଲ୍ଲାର ଖଡିଆଳ ସହରରେ ତିଖାଲି ଡ୍ୟାମ୍ ରୁ ୨୮୬୬ଟି ଜଳ ସଂଯୋଗ ଦ୍ୱାରା ୧୯୦୭୨ ଜଣଙ୍କୁ, ଖରୀଆର ରୋଡ ସହରରେ ପତୋରା ଡ୍ୟାମ୍ ରୁ ୩୩୭୬ଟି ଜଳ ସଂଯୋଗ ଦ୍ୱାରା ୨୪୦୧୬ ଜଣଙ୍କୁ ଏବଂ ନୂଆପଡାରେ ମଧ ପତୋରା ଡ୍ୟାମ୍ ରୁ ୨୨୮୮ଟି ଜଳ ସଂଯୋଗ ଦ୍ୱାରା ୨୦୫୨୨ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସହରାଚଂଳ ପାନୀୟ ଜଳ ଯୋଗାଣ ପାଇଁ ୫ ଗୋଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି । ଏବେ ୨ ଗୋଟି ପ୍ରକଳ୍ପ କାର୍ଯ୍ୟ ଖରିଆର ରୋଡ଼ରେ ଚାଲିଛି ଯାହା ମାର୍ଚ୍ଚ ଶେଷ ସୁଦ୍ଧା ସମାପ୍ତ ହେବ । ଏହାଦ୍ୱାରା ସହରର ୬,୭,୮,୯ ଏବଂ ୧୨ ନମ୍ବର ୱାର୍ଡ ର ଜନସାଧାରଣ ଉପକୃତ ହେବେ । ଏହି ଦୁଇ ପ୍ରକଳ୍ପର ବ୍ୟୟ ଅଟକଳ ଯଥାକ୍ରମେ ୫୭୮ ଲକ୍ଷ ଏବଂ ୧୮୩ ଲକ୍ଷ ଟଙ୍କା ଅଛି । ଏହା ସହିତ ଜିଲ୍ଲାରେ ୩ ଗୋଟି ନୂତନ ଜଳ ଯୋଗାଣ ପ୍ରକଳ୍ପ ଶୀଘ୍ର ଆରମ୍ଭ ହେବ କ୍ଷ ଖଡିଆଳ ସହରକୁ ୨୦ କୋଟି ଟଙ୍କା ବ୍ୟୟରେ, ନୂଆପଡା ସହରକୁ ୧୭.୯୧ କୋଟି ଟଙ୍କା ବ୍ୟୟରେ ଏବଂ ଖରୀଆର ରୋଡ ସହରକୁ ୧୭.୧୨ କୋଟି ଟଙ୍କା ବ୍ୟୟରେ ଜଳଯୋଗାଇବା ପାଇଁ ଏହା ନିର୍ଦ୍ଧାରିତ ହୋଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ସହର ବାସୀଙ୍କୁ ୨୪ ଘ ୭ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ । ଖରୀଆର ରୋଡ ଜାତୀୟ ରାଜପଥ ପାର୍ଶ୍ୱରେ ଜଳ ଯୋଗାଣ ପାଇପ୍ ପକାଇବା ପାଇଁ ଜାଗା ଚିହ୍ନଟ କରିବା ପାଇଁ ନୂଆପଡା ତହସିଲଦାର ପଦକ୍ଷେପ ନେବେ । ଗ୍ରୀଷ୍ମଋତୁ ପୂର୍ବରୁ ସହରାଚଂଳର ସମସ୍ତ ପାନୀୟ ଜଳ ସମସ୍ୟା ସମାଧାନ କରିବାପାଇଁ ଯନ୍ତ୍ରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଜଳ ଯୋଗାଣ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର, ଜନ ପ୍ରତିନିଧି ମାନଙ୍କ ସହଯୋଗ ନିଆଯିବ । ହିତାଧୀକାରୀ ମାନଙ୍କୁ ନେଇ ୱାଟସ୍ଆପ୍ ଗ୍ରୁପ୍ ମାଧ୍ୟମରେ ଯୋଡ଼ି ସେମାନଙ୍କ ପାନୀୟ ଜଳ ସମସ୍ୟା ର ସମାଧାନ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଛନ୍ତି । ଆଜିର ଏହି ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଲୋଚନ ଭୁଏ, ସହକାରୀ ଯନ୍ତ୍ରୀ ଅଶୋକ କୁମାର ବେହେରା, ପ୍ରଶାନ୍ତ କୁମାର ମାଝୀ ଏବଂ କନିଷ୍ଠ ଯନ୍ତ୍ରୀ ଲିପିକା ଡୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆସନ୍ତା ୧୨ ଫେବୃଆରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୯/୨ (ନି.ପ୍ର): ଆସନ୍ତା ୧୨ ଫେବ୍ରୁଆରି ଗୁରୁବାର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଡାକରା ଦିଆଯାଇଥିବା ଧର୍ମଘଟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି । ଏହି ମର୍ମରେ ପିସିସି ସଭାପତି ଭକ୍ତଚରଣ ଦାସ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଉପା ଅମଳରୁ ଚାଲିଆସିଥିବା କଲ୍ୟାଣକର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ଭିବି ଜି-ରାମ-ଜି ପରି ଶ୍ରମିବିରୋଧୀ ଯୋଜନା ଆରମ୍ଭ କରିଥିବାରୁ କଂଗ୍ରେସ ଦଳ ପକ୍ଷରୁ ଦେଶବ୍ୟାପୀ ନିରନ୍ତର ଧର୍ମଘଟ, ବିକ୍ଷୋଭ, ଅନଶନ ଚାଲିଆସିଛି । ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଯଥା:- ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍ଏମଏସ, ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ବିୟୁସିସି, ୟୁଟିୟୁସି, ଏଲ୍‌ପିଏଫ୍ ଓ ସେୱା ସମେତ ବିଭିନ୍ନ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ର କର୍ମଚାରୀ ସଂଗଠନ ପରି ୫୦ରୁ ଅଧିକ ସ୍ୱାଧୀନ ମହାସଂଘ ଆହ୍ୱାନରେ ମନରେଗା ଉଚ୍ଛେଦ ବିରୋଧରେ ଓ ଶ୍ରମିକ-ବିରୋଧୀ ୪ ଶ୍ରମ-କୋଡ୍ ବାତିଲ ଦାବିରେ ଦେଶବ୍ୟାପୀ ଧର୍ମଘଟ କରାଯାଉଥିବାରୁ କଂଗ୍ରେସ ଏହାକୁ ସମର୍ଥନ କରୁଛି । ସୂଚନାଯୋଗ୍ୟ, ପିସିସିର ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଦେବା ଓ ଚାଷୀଙ୍କ ପାଇଁ ବିଜୁଳି ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା ଦାବିରେ ଗତ ଦୁଇମାସ ହେଲା ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଆସୁଛି । ବିହନ, ସାର ଓ ଧାନସଂଗ୍ରହରେ ଅବ୍ୟବସ୍ଥା କରି ରାଜ୍ୟ ସରକାର ଚାଷୀକୁଳକୁ ଚରମ ଦୁର୍ଦ୍ଦିନକୁ ଠେଲିଦେଇଛନ୍ତି । ମନରେଗା, ବିଜୁଳି ଓ ଚାଷୀଙ୍କ ସମସ୍ୟା ପ୍ରସଙ୍ଗକୁ ୧୨ ତାରିଖର ଧର୍ମଘଟରେ ଉପରୋକ୍ତ ସଂଗଠନମାନେ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି । ଶ୍ରମିକ, ସାଧାରଣ ଉପଭୋକ୍ତା ଓ ଚାଷୀମାନଙ୍କର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାରେ କଂଗ୍ରେସର ତୃଣମୂଳ ସ୍ତର ଯାଏ ନେତା ଓ କର୍ମୀ ଏହି ଧର୍ମଘଟକୁ ସମର୍ଥନ କରିବା ପାଇଁ ପିସିସି ପକ୍ଷରୁ ଡିସିସି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଆଇଏନଟିୟୁସି ସର୍ବଭାରତୀୟ ଉପସଭାପତି, ଓଡ଼ିଶା ରାଜ୍ୟଶାଖା ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର କଂଗ୍ରେସ ଭବନରେ ପିସିସି ସଭାପତି ଶ୍ରୀ ଦାସଙ୍କୁ ସାକ୍ଷାତ କରି ଧର୍ମଘଟ ବିଷୟରେ ଅବଗତ କରାଇବା ସହ ଦଳର ସମର୍ଥନ ଲୋଡ଼ିଥିଲେ ।

# ଜୟପୁର ଓ ଧନପୁରରେ ହିନ୍ଦୁ ସମ୍ମିଳନୀ

ଜୟପୁର, ୯/୨ (ନି.ପ୍ର): ଜୟପୁର ପୌରାଂଚଳର ପାରାବେଢା ବସତିକୁ ନେଇ ଦଶହରା ପଡିଆ ଠାରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମଗ୍ର ହିନ୍ଦୁ ଧର୍ମ ମଧ୍ୟରେ ସମାନତତା ରକ୍ଷା କରିବା ଓ ହିନ୍ଦୁ ମାନଙ୍କ ମଧ୍ୟ ରେ ଏକତା ଓ ଭାଇଚାରା ଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା । ଏହି ଅବସରରେ ଆଜି ପୂର୍ବାହ୍ନରେ ଏକ ବିରାଟ କଳସ ଯାତ୍ରାରୁ ଶୁଭାରମ୍ଭ ହୋଇ, ଗୀତା ନାମ ଯଜ୍ଞ ସହ ନାମ ସଙ୍କୀର୍ତନ ଅନୁଷ୍ଠିତ ହୋଇଥିଲା । ଏକ ବୌଦ୍ଧିକ ସମାବେଶରେ ପଂଚ ପରିବର୍ତ୍ତନ ଓ ହିନ୍ଦୁତ୍ୱ ଜାଗରଣ ଉପରେ ଡ.ସୀତାନଥ ରାୟଗୁରୁ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ରାଷ୍ଟ୍ରୀୟ ସ୍ୱୟଂ ସଂଘର ନଗର ସଂଘ ଚାଳକ ଡ ନିରଞ୍ଜନ ମିଶ୍ର, ଜୟପୁର ନଗର କାର୍ଯ୍ୟବାହାକ ଡ ମନୋରଞ୍ଜନ ପ୍ରଧାନ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ସୁଧାଂଶୁ ପାଢ଼ୀ,ନଗର ସ୍ୱର ସଂଘ ଚାଳକ ପ୍ରେମାନନ୍ଦ ନାୟକ, ରବି ନାରାୟଣ ମହାପାତ୍ର, ରବୀନ୍ଦ୍ର ପାଢ଼ୀ, ଡ ସଦାଶିବ ତ୍ରିପାଠୀ, ସତ୍ୟବାଦୀ ମିଶ୍ର, ପୃଥ୍ୱୀ ରାଜ ଭୂୟାଁ, ନିରାକାର ଚୌଧୁରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ପାରାବେଢ଼ା ଅଂଚଳର ଏକ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁ ସମାଜର ଲୋକମାନେ ଯୋଗଦେଇ ଧର୍ମ ରକ୍ଷା କରିବା ପାଇଁ ଶପଥ ନେଇଥିଲେ । ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପାଳନ ଅବସରରେ ଜୟପୁର ବ୍ଲକ ଧନପୁର ଗ୍ରାମ ଠାରେ ପଂଚାୟତ ସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଧନପୁର ପଂଚାୟତର ୯ ଗୋଟି ଗ୍ରାମରୁ ୧୫୦୦ ଜଣ ସନାତନି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଂଚାସିନ ଥିଲେ ମୁଖ୍ୟ ଅତିଥି ରୂପେ ପଂଚାୟତର ସଭାପତି ବିଦ୍ୟାଧର ପୁଜାରୀ ମୁଖ୍ୟ ବକ୍ତା ଭାବେ ବିଶ୍ୱନାଥ ମାଳି ଅନ୍ୟ ବକ୍ତା ଭାବେ ରଞ୍ଜନ ବେହେରା ଶିକ୍ଷକ ରିହିଥିଲେ । ଏହି ଅବସରରେ କଳସ ଯାତ୍ରା ଗୀତ ଯଜ୍ଞ ଏବଂ ନାମ ସଙ୍କୀର୍ତନ ହୋଇଥିଲା ପରେ ୧୫୦୦ ଜଣ ସନାତନି ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ସେବନର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଧନପୁର ଶାଖାର ସ୍ୱୟଂସେବକ ଧନପୁର ଗ୍ରାମର ଦୈତାରି ହରିଜନ, କ୍ଷେତ୍ର ମୋହନ ନାୟକ, ସୁନାଧର ହରିଜନ, ଗଙ୍ଗାଧର କମାର, ଶିକ୍ଷାବିକାଶ ସମିତିର ରାମେଶ୍ୱର ଦାସ, ଅନାମ ପରିଛା, ହରି ନାୟକ, ପତି ଗାଦବା ଏବଂ ଅନ୍ୟାନ୍ୟ ବାସିନ୍ଦାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲେ ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଷୋଡଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ନିମନ୍ତେ ଶୁଭଖୁଂଟି ସ୍ଥାପନ

କନ୍ଧମାଳ, ୯/୨ (ନି.ପ୍ର): ଅବିଭକ୍ତ ଫୁଲବାଣୀ ଜିଲ୍ଲାର ପୁରାତନ ତଥା ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଷୋଡଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଆସନ୍ତା ୨୩ ତାରିଖ ଠାରୁ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଫୁଲବାଣୀ ବିଟିମ୍ ପଡିଆରେ ଅନୁଷ୍ଠିତ ହେବ । ଆଜି ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେବାକୁ ଥିବା ପଡିଆରେ ଶୁଭଖୁଂଟି ସ୍ଥାପନ କରାଯାଇଛି । ଆଜି ସକାଳେ ଅୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ପୌରୋହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀର ସଭାପତି ସୁନିଲ ପଟ୍ଟନାୟକ, ସମାଜସେବୀ ପ୍ରସନ୍ନ ସ୍ୱାଇଁ, ଅନୁଷ୍ଠାନର ଉପ ସଭାପତି ସଜିତ ବେହେରା, ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁଚରଣ ଶତପଥୀ, ସାଂସ୍କୃତିକ ସମ୍ପାଦିକା ସୁଶ୍ରୀ ଶିବାନୀ ସୁଆର, ସଂଗଠନ ସମ୍ପାଦକ ତ୍ରିଲୋଚନ ପଣ୍ଡା ଏବଂ ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଏହି ମେଳା ପାଇଁ ପ୍ରସ୍ତୁତି ବୈଠକ ଏବଂ ବିଦ୍ୟାଳୟର ଓ ମହାବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ ମାନଙ୍କ ଲିଖିତ, ଚିତ୍ରାଙ୍କନ, ବକ୍ତୃତା ଏବଂ ଓଡିଆ ଭାଷା ଭିତିକ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଏହାର କୃତି ପ୍ରତିଯୋଗୀମାନଙ୍କୁ ମେଳାର ଉଦଘାଟନୀ ସନ୍ଧ୍ୟାରେ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ । ଦୀର୍ଘ ୧୩ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ୪୦ ଟିରୁ ଅଧିକ ପୁସ୍ତକ ଷ୍ଟଲ ସମେତ ସମୁଦାୟ ୧୫୦ ରୁ ଅଧିକ ବିବରଣୀ ଓ ମୀନାବଜାର ଆଦି ଖୋଲିବାର କାର୍ଯ୍ୟକ୍ରମ ରହିଛି । ଏଥିସହ ଫୁଲବାଣୀ ରେ ପ୍ରଥମ ଥର ପାଇଁ ସୁଦୁର ମାଲେସିଆ ରୁ ଆସିଥିବା 'ଜଳପରୀ' ସହିତ ମ୍ୟାଜିକ୍ ଶୋ, ଦୋଳି, ଶିଶୁକ୍ରୀଡା ସାମଗ୍ରୀ ସହ ବିଭିନ୍ନ ଖାଦ୍ୟ ଗୁଡିକର ଦୋକାନ ବଜାର ଖୋଲାଯିବା ପାଇଁ ନିଷ୍ପତି ନିଆଯାଇଛି । ତେଣୁ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦେଇ ଏହାର ଆନନ୍ଦ ନେବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଏସସିଏସଟିଆରଟିଆଇରେ ଆଦିବାସୀ କଳା ଓ କଳାବସ୍ତୁ ପ୍ରଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯/୨ (ନି.ପ୍ର): ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଓଡ଼ିଶା ଆନୁକୂଲ୍ୟରେ ଫେବୃଆରୀ ୭ ରୁ ଫେବୃଆରୀ ୨୧, ୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆଦିବାସୀ କଳା ଓ କଳାବସ୍ତୁକୁ ନେଇ ୧୫ ଦିନିଆ ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ରାଜ୍ୟର ବିଭିନ୍ନ ଅଂଚଳର ଅଭିଜ୍ଞ ଆଦିବାସୀ କାରିଗରମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ପାରମ୍ପରିକ ଆଦିବାସୀ କଳାକୁ ପ୍ରୋତ୍ସାହିତ, ସଂରକ୍ଷଣ ଏବଂ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ୧୫ ଦିନବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଡତାଲ୍ ଚିତ୍ରକଳା, ସଉରା ଚିତ୍ରକଳା ଏବଂ ବାଉଁଶ ହସ୍ତଶିଳ୍ପରେ ବିଶେଷଜ୍ଞ କାରିଗରମାନଙ୍କୁ ବିଭିନ୍ନ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଦ୍ୱାରା ପ୍ରାୟୋଜିତ କରାଯାଇଛି । ରାୟଗଡା ଜିଲ୍ଲା ଆଇ.ଟି.ଡି.ଏ ଗୁଣୁପୁର, ଇଡତାଲ୍ ଏବଂ ସଉରା ଚିତ୍ରକଳାରେ ଦକ୍ଷ ପାଂଚ ଜଣ କାରିଗରଙ୍କୁ ପ୍ରାୟୋଜିତ କରିଛି, ଯେଉଁମାନେ କାର୍ଯ୍ୟକ୍ରମ ସମୟରେ ଏହି ଆଦିବାସୀ କଳା କୁ ଲାଇଭ୍ ପ୍ରଦର୍ଶନ କରିବେ । ସେହିପରି ମୟୂରଭଞ୍ଜ ଜିଲ୍ଲା ଆଇ.ଟି.ଡ଼ି.ଏ, କପ୍ତିପଦା, ଉଦଳା ପକ୍ଷରୁ ମାହାଲି ଜନଜାତିର ବାଉଁଶ କାରିଗରରେ ବିଶେଷଜ୍ଞ ପାଂଚ ଜଣ ଅଭିଜ୍ଞ ଆଦିବାସୀ କାରିଗରଙ୍କୁ ମନୋନୀତ କରାଯାଇଛି । ତେବେ ଏହି ଅବସରରେ ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ଶ୍ରୀ ସୁଧାକର ସବର କହିଛନ୍ତି, ଏହିପରି ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ଅସଂଗଠିତ ଶ୍ରମିକ, ପ୍ରବାସୀ ଶ୍ରମିକ, ଜଙ୍ଗଲ ଶ୍ରମିକ, ଉଠା ଦୋକାନୀ ତଥା ମହିଳା ଶ୍ରମିକ ପ୍ରଶିକ୍ଷଣ ପାଇଁ ବଜେଟରେ ଅଧିକ ଅନୁଦାନ ଦାବି

ଭୁବନେଶ୍ୱର, ୯/୨ (ନି.ପ୍ର): ଓଡ଼ିଶା ରାଜ୍ୟରେ ଥିବା ଦେଢ଼ କୋଟିରୁ ଥିବା ଅଧିକ ଅସଂଗଠିତ ଶ୍ରମିକ ମାନଙ୍କର କଲ୍ୟାଣ ବୋର୍ଡ ପାଇଁ ଏକ ହଜାର କୋଟି ଟଙ୍କା, ପ୍ରବାସୀ ଶ୍ରମିକ କଲ୍ୟାଣ ବୋର୍ଡ ପାଇଁ ୫୦୦ କୋଟି ଟଙ୍କା, ଶ୍ରମିକଙ୍କୁ ଗ୍ରୀଷ୍ମ ପ୍ରବାହ ରକ୍ଷା ପାଇଁ ୫୦୦ କୋଟି ଟଙ୍କା, ଜୀବନ ଜୀବିକା ପାଇଁ ଲଘବନଜାତ ସାମଗ୍ରୀ ଉପରେ ନିର୍ଭର କରୁଥିବା ଆଦିବାସୀମାନଙ୍କ ପାଇଁ ଅନ୍ୟୁନ୍ୟ ୧ ହଜାର କୋଟି ଟଙ୍କା, ଉଠାଦୋକାନିମାନଙ୍କର କଲ୍ୟାଣ ଓ ସୁରକ୍ଷା ପାଇଁ ବଜେଟରେ ଅର୍ଥ, ଅଣକୁଶଳୀ ଶ୍ରମିକ ମାନଙ୍କର ଦକ୍ଷତା ବୃଦ୍ଧିପାଇଁ ୧ ହଜାର କୋଟି ଟଙ୍କା, ମହିଳା ଶ୍ରମିକ ମାନଙ୍କର ଦକ୍ଷତା ପାଇଁ ବିଶେଷ ବ୍ୟବସ୍ଥା, ଅଧିକ ରୋଜଗାର ସୃଷ୍ଟି କରିବା ପାଇଁ ବନ୍ଦ ଥିବା ସୂତା କଳଗୁଡିକୁ କାର୍ଯ୍ୟକାରୀ କରିବା, କୁକୁଡା, ମାଛ, ଆମ୍ବ, କଦଳୀ, ଆଳୁ, ପିଆଜ ଚାଷ ପାଇଁ ଅଧିକ ସହାୟକ ବ୍ୟବସ୍ଥା । ରାଜ୍ୟରେ ପ୍ରଥମ ଶ୍ରେଣୀ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ସମକକ୍ଷ ହେବା ପାଇଁ ଭିତିଭୂମି, ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ପାଇଁ ବଜେଟରେ ବ୍ୟବସ୍ଥା ଏବଂ ଅଧିକାଂଶ ରାଜ୍ୟରେ ୨୦୦-୩୦୦ ୟୁନିଟ୍ ବିଜୁଳି ଛାଡ ହୋଇଥିଲାବେଳେ ୩୦୦ ୟୁନିଟ୍ ବିଜୁଳି ବ୍ୟବସ୍ଥା ଛାଡ କରିବା ପାଇଁ ଓ ଚାଷିମାନଙ୍କୁ ମାଗଣା ବିଜୁଳି ଦେବା ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା ଏବଂ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନାରେ କୌଣସି ବାର୍ଷିକ ଆୟସୀମା ନ ଖି ସମସ୍ତ ନାଗରିକଙ୍କୁ ଉକ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରିବା ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା ଏକ୍ସରେ ଅଲଟ୍ରାସାଉଣ୍ଡ, ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବା ପାଇଁ ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ, ପ୍ରାକ୍ତନ ସାଂସଦ ଙ୍କ ତରଫରୁ ଦାବି କରି ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ମାନ୍ୟବର ମୁଖ୍ୟ ଶାସନ ସଚୀବ ଶ୍ରୀମତୀ ଅନୁ ଗର୍ଗଙ୍କୁ ପତ୍ର ଲେଖିଛନ୍ତି ।

# ଧରାରେ ବିରାଜମାନ ଋତୁରାଜ ବସନ୍ତ: ସବୁଜ ଆମ୍ବଗଛରେ ହଳଦି ରଙ୍ଗର ବଉଳ ପେନ୍ଥା

ପୁରୀ, ୯/୨ (ନି.ପ୍ର): ଧରାପୃଷ୍ଠରେ ପ୍ରବେଶ କରିଛି ଋତୁରାଜ ବସନ୍ତ । ପୁଲକିତ ହୋଇଛି ଧରଣୀ ରାଣୀ । ଆଦ୍ୟ ବସନ୍ତରୁ ଆମ୍ବଗଛରେ ଆସିଛି ଭରା ବଉଳ । ସୁକୁମାରୀ ବଉଳ ରାଣୀ । ସବୁଜ ଆମ୍ବଗଛକୁ ଆଚ୍ଛାଦିତ କରିଛି ବଉଳ ପେନ୍ଥା । ସବୁ ଗଛରେ ଫୁଲ ଫୁଟୁଥିବା ବେଳେ ଆମ୍ବଗଛ ଫୁଲକୁ ବଉଳ କୁହନ୍ତି । ଗଛର ବକଳରେ ଫୁଟୁ ଥିବାରୁ ଏହାର ନାମ ବଉଳ । ଆମ୍ବଗଛର ଶାଖା ପ୍ରଶାଖା ସବୁ କାଟିଦେଲେ ମଧ୍ୟ ଗଣ୍ଡି ବକଳରେ ବଉଳ ଫୁଟିଥାଏ । ଲୋକକଥା ଅଛି ଆମ୍ବ ବଉଳ ଫଗୁଣ ମାସେ-ଦିଗ ଚହଟେଇ ତାର ସୁବାସେ । ବଉଳର ମହକରେ ମଣିଷର ମନ ମହକିଥାଏ । ଶ୍ରୀମନ୍ଦିରରେ ଫାଲଗୁନ ଅମାବାସ୍ୟାରେ ବଉଳ ଅମାବାସ୍ୟା ନୀତି ପାଳିତ ହୁଏ । ସେଦିନ ମନ୍ଦିରରେ ଗଇଣ୍ଠା, ନାଡି ବଉଳ ଓ ଫେଣି ବଉଳ କୋଠଭୋଗରେ ଭୋଗ ଲାଗିଥାଏ । ଘରେ ଘରେ ଗଇଣ୍ଠା ପିଠା କରାଯାଇ ଆମ୍ବଗଛ ମୂଳେ ଭୋଗ କରି ପୋତିଲେ ବଉଳ ଝଡିନଥାଏ ଏବଂ ଆମ୍ବ ଅଧିକ ଆସିଥାଏ ବୋଲି ବିଶ୍ୱାସ ରହିଛି । କୁମାରୀ ଝିଅମାନେ ଆଦ୍ୟ ଯୌବନରେ ବଉଳ ଖୁଆଖୋଇ ହୋଇ ବଉଳ ସାଙ୍ଗ ହୋଇଥାନ୍ତି । ଆଉ ନାମ ଧରି ଡକାଡକି ହୁଅନ୍ତି ନାହିଁ । ବୃକ୍ଷକୁ ପୂଜା କରିବା ପରମ୍ପରା ଉତ୍କଳରେ ରହିଛି । ବଉଳର ବାସ୍ନାଯୋଗୁ ଆମ୍ବଗଛର ମହତ୍ୱ ବଢିଥାଏ । ଆମ୍ବଗଛରେ ବଉଳ ଧରିବା ଯୋଗୁ ଏହା ଅତି ସୁନ୍ଦର ଦେଖାଯାଇଥାଏ । ଆମ୍ବ ଗଛରେ ଭରା ବଉଳ ଦେଖି ପ୍ରକୃତିପ୍ରେମୀ, ପ୍ରେମୀ ଯୁଗଳ, କବି, ଲେଖକ ଓ ସାମ୍ବାଦିକ ମାନେ ଏକ ଭାବର ରାଇଜରେ ଘୁରି ବୁଲନ୍ତି । ଆମ୍ବ ବଉଳର ମହମହ ବାସ୍ନା, ମୃଦୁ ମଳୟର ସିଲି ସିଲି ପବନ, କୋଇଲିର କୁହୁ କୁହୁ ରାବ ପ୍ରେମୀଯୁଗଳଙ୍କୁ ଆନମନା କରିଥାଏ ଓ ପୁରୁଣା ସ୍ମୃତିକୁ ମନେ ପକାଇଥାଏ । ବଉଳ ଯୋଗୁ ପରିବେଶରେ ସୃଷ୍ଟି ହୋଇଥାଏ ନୂତନ ଉନ୍ମାଦନା । ଆମ୍ବ ବଉଳ ବସନ୍ତ ଋତୁକୁ ସ୍ୱାଗତ କରିଥାଏ । ବସନ୍ତର ଆଗମନରେ ପଶୁ ପକ୍ଷୀ ଓ ଜୀବଜନ୍ତୁ ମାନେ ଚଳଚଞ୍ଚଳ ହୋଇଥାନ୍ତି । ଆମ୍ବ ବଉଳର ମହମହ ବାସ୍ନା ଯୁବକ ଯୁବତୀ ମାନଙ୍କ ମନ ମୋହିଥାଏ । ସୁକୁମାରୀ ଫୁଲେଇ ରାଣୀ ଆମ୍ବ ବଉଳ । ହାତ ବାଜିଲେ ଝଡି ପଡେ । କୁହୁଡି ପଡିଲେ ଆକତା ମାକତା ହୋଇଯାଏ ବଉଳ । କାକର ବିନ୍ଦୁ ବଉଳ ଉପରେ ପଡି ଆଖିରୁ ଲୁହ ଝରିବା ପରି ଟପ ଟପ ହୋଇ ଧରାପୃଷ୍ଠରେ ପଡେ । ଘନ କୁହୁଡିର ଧୂଆଁରେ ଶ୍ୱାସରୁଦ୍ଧ ହୋଇଯାଏ ବଉଳ । ମଳୟର ସ୍ପର୍ଶରେ ଓ ବଉଳର ବାସ୍ନାରେ ମଣିଷର ମନ ପୁଲକିତ ହୋଇଥାଏ । ଏହି ସମୟରେ ହଳଦି ବସନ୍ତ ପକ୍ଷୀ ଦେଖାଦିଅନ୍ତି । ହଳଦି ବସନ୍ତ ପକ୍ଷୀକୁ ଦେଖିଲେ ଯାତ୍ରା ଶୁଭ ହୁଏ ବୋଲି ବିଶ୍ୱାସ ରହିଛି । ବଉଳର ମୃଦୁ ବାସ୍ନାରେ ଶୀତ ଲୁଚିଲାଣି ଫରୁଆ ଭିତରେ । ପାଟଶାଢୀ ପିନ୍ଧି ସଜେଇ ହେଲାପରି ଦୃଶ୍ୟମାନ ହୁଏ ଆମ୍ବଗଛ ।

# ନେତୃତ୍ୱ ବିକାଶ ମିଶନ କଂଗ୍ରେସ ଦଳ ପାଇଁ ସଂଜୀବନୀ-ଭକ୍ତ

ଭୁବନେଶ୍ୱର, ୯/୨ (ନି.ପ୍ର): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ନେତୃତ୍ୱ ବିକାଶ ମିଶନ ବିଭାଗ ଏବଂ ଆଦିବାସୀ କଂଗ୍ରେସ ବିଭାଗର ଏକ ମିଳିତ ଆଭାସୀ (ଭର୍ଚୁଆଲ୍) ସଭାରେ ଯୋଗଦେଇ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ନେତୃତ୍ୱ ବିକାଶ ମିଶନ କଂଗ୍ରେସ ଦଳ ପାଇଁ ଆଗାମୀ ଦିନରେ ସଂଜୀବନି ସାବ୍ୟସ୍ତ ହେବ ବୋଲି ମତ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଅଖିଳ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ସମାଜର ବଞ୍ଚିତ ବର୍ଗ ଯଥା ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟର ସଂଘର୍ଷରତ ଯୁବକ/ ଯୁବତୀମାନଙ୍କୁ ଦଳୀର ମୁଖ୍ୟ ସ୍ରୋତକୁ ଆଣି ଆଗାମୀ ଦିନରେ ଦଳୀୟ ନେତୃତ୍ୱରେ ସାମିଲ କରିବା ପାଇଁ ନେତୃତ୍ୱ ବିକାଶ ମିଶନ ଗଠନ କରାଯାଇଅଛି । ଏହିକ୍ରମରେ ଓଡ଼ିଶାର ସମସ୍ତ ୫୭ଟି ସଂରକ୍ଷିତ ବିଧାନସଭା ଗୁଡ଼ିକୁ ୧୦ଟି କ୍ଲଷ୍ଟରରେ ଭାଗ କରାଯାଇ ପ୍ରତ୍ୟେକ କ୍ଲଷ୍ଟର ପାଇଁ ଜଣେ ଜଣେ ଟିମ୍ ଲିଡର ଓ କୋ-ଟିମ୍ ଲିଡର ନିଯୁକ୍ତି କରାଯାଇଅଛି । କ୍ଲଷ୍ଟର-୧ ପାଇଁ ଟିମ୍ ଲିଡର ଭାବେ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ପାଶୱାନ ଓ କୋ-ଟିମ୍ ଲିଡର ଭାବେ ଆଇନଜୀବୀ ଆଲବର୍ଟ କିଣ୍ଡୋ ଓ ଶ୍ରୀ ନେପାଳ ସାହୁ ନିଯୁକ୍ତି ପାଇଅଛନ୍ତି । ସେହିପରି କର୍ଷ୍ଟ-୨ ପାଇଁ ରାଜ୍ୟ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ଟିମ୍ ଲିଡର ଭାବେ ଓ ପିସିସି ସମ୍ପାଦିକା ଶ୍ରୀମତୀ ଅନିମା ମିଞ୍ଜ ଓ ଶ୍ରୀ ରଞ୍ଜନ ସେଠୀ କୋ-ଟିମ୍ ଲିଡର ଭାବେ ନିଯୁକ୍ତି ପାଇଅଛନ୍ତି । କ୍ଲଷ୍ଟର-୩ ପାଇଁ ରାଜ୍ୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଶ୍ରୀ ଯଶୋବନ୍ଦ ଲାଗୁରୀ ଟିମ୍ ଲିଡର ଭାବେ ଓ ପୂର୍ବତନ ବିଧାୟକ ଶ୍ରୀ ପ୍ରହଲ୍ଲାଦ ପୁର୍ତି ଏବଂ ଶ୍ରୀ ଐତିହ୍ୟ ଦିବ୍ୟ ସିଂ କୋ-ଟିମ୍ ଲିଡର ଭାବେ ନିଯୁକ୍ତି ପାଇଅଛନ୍ତି । କ୍ଲଷ୍ଟର-୪ ପାଇଁ ଟିମ୍ ଲିଡର ଭାବେ ପୂର୍ବତନ ବିଧାୟକ ଶ୍ରୀ ସୁବର୍ଣ୍ଣ ନାୟକ ଓ କୋ-ଟିମ୍ ଲିଡର ଭାବେ ଶ୍ରୀ ପ୍ରତ୍ୟୁଷ ସାହୁ ଓ ଶ୍ରୀ ଆଶିଷ ଲେଙ୍କା ନିଯୁକ୍ତି ପାଇଅଛନ୍ତି । କ୍ଲଷ୍ଟର-୫ ପାଇଁ ଟିମ୍ ଲିଡର ଭାବେ ରାଜ୍ୟ ଅନୁସୂଚିତ ଜାତି ବିଭାଗର ଉପାଧ୍ୟକ୍ଷ ଶ୍ରୀ କ୍ଷିରୋଧ ଚନ୍ଦ୍ର ପାତ୍ର ଟିମ୍ ଲିଡର ଭାବେ ଓ ଶ୍ରୀ ବିଶ୍ୱରଞ୍ଜନ ଜେଠୀ କୋ-ଟିମ୍ ଲିଡର ଭାବେ ନିଯୁକ୍ତି ପାଇ ଅଛନ୍ତି । କ୍ଲଷ୍ଟର-୬ ପାଇଁ ଟିମ୍ ଲିଡର ଭାବେ ସଂଖ୍ୟାଲଘୁ ବିଭାଗର ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ଶ୍ରୀ ଅବଦୁଲ୍ କଲ୍ଲାମ ଟିମ୍ ଲିଡର ଭାବେ ଓ ଶ୍ରୀ ଶିଖାଂସୁ ଲେଙ୍କା ଏବଂ ଶ୍ରୀ ସୁବାସ ନାୟକ କୋ-ଟିମ୍ ଲିଡର ଭାବେ ନିଯୁକ୍ତି ପାଇଅଛନ୍ତି । କ୍ଲଷ୍ଟର-୭ ପାଇଁ ଟିମ୍ ଲିଡର ଭାବେ ଶ୍ରୀ ଭାଗିରଥି ବେହେରା ଓ କୋଟ-ଟିମ୍ ଲିଡର ଭାବେ ଶ୍ରୀ ଜ୍ଞାନ ରଞ୍ଜନ ରାଉତ ନିଯୁକ୍ତି ପାଇଅଛନ୍ତି । କ୍ଲଷ୍ଟର-୮ ପାଇଁ ଟିମ୍ ଲିଡର ଭାବେ ଆଇନଜୀବୀ ହିରାସିଂ ମଣ୍ଡଳ ଓ କୋ-ଟିମ୍ ଲିଡର ଭାବେ ଶ୍ରୀ ଯଜାତି କେଶରୀ ନାୟକ ନିଯୁକ୍ତି ପାଇଅଛନ୍ତି । କ୍ଲଷ୍ଟର-୯ ପାଇଁ ଶ୍ରୀ ବାଙ୍କନିଧି ବେହେରା ଓ କୋ-ଟିମ୍ ଲିଡର ଭାବେ ଶ୍ରୀ ଅଖିଳ ଭତ୍ରା ନିଯୁକ୍ତି ପାଇଅଛନ୍ତି ।

# ଲକ୍ଷ୍ମୀଡୁଙ୍ଗୁରୀକୁ ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

ସମ୍ବଲପୁର, ୯/୨ (ନି.ପ୍ର): ଭାରତୀ ସମାଜ ପକ୍ଷରୁ ରବିବାର ଲକ୍ଷ୍ମୀଡୁଙ୍ଗୁରୀ ବିକାଶ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୨୦୧୬ ମସିହାରୁ ସିଦ୍ଧଚାର୍ଯ୍ୟ ମାନଙ୍କ ନାମରେ ପ୍ରତିବର୍ଷ ଭାରତୀ ସମାଜ ପକ୍ଷରୁ ସମର୍ପଣ ଉତ୍ସବ ଆୟୋଜନ ହୋଇଆସୁଛି । ଲକ୍ଷ୍ମୀଡୁଙ୍ଗୁରୀ ଠାରେ ଗୁରୁ ପଦ୍ମସମ୍ଭବ, ଗୁରୁ ଇନ୍ଦ୍ରଭୂତି, ଲକ୍ଷ୍ମୀକରା, ସାତବହନୀ ଏବଂ ଅନ୍ୟ ସିଦ୍ଧାଚାର୍ଯ୍ୟଙ୍କ ସ୍ମୃତିରେ ବୃକ୍ଷ ଗୁଡିକୁ ସମର୍ପଣ କରାଯାଇଛି । ଆଜି ସେହି ସମର୍ପିତ ବୃକ୍ଷ ଗୁଡିକୁ ପରିଦର୍ଶନ କରିବା ସହ ତାର ସ୍ଥିତି ଆକଳନ କରାଯାଇଥିଲା । ଏହାସହ ସମ୍ବଲପୁରରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ସେଥିରେ ଲକ୍ଷ୍ମୀ ଡୁଙ୍ଗୁରୀକୁ ସାମିଲ କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି । ଲକ୍ଷ୍ମୀଡୁଙ୍ଗୁରୀ ଅସୁରକ୍ଷିତ ହୋଇ ପଡିଥିବାରୁ ବିଭିନ୍ନ ସମୟରେ ଅନେକ ଦାମୀ ଗଛ ଗୁଡିକୁ ଲୋକେ କାଟି ନେଉଥିବା ଏବଂ ବିଭିନ୍ନ ଲୋକଙ୍କ ଲୋପୁପ ଦୃଷ୍ଟିରେ ରହିଛି । ତେଣୁ ଏହାର ସୁରକ୍ଷା ଏବଂ ବିକାଶ କରାନଗଲେ ଲକ୍ଷ୍ମୀଡୁଙ୍ଗୁରୀ କେତେବେଳେ କୌଣସି କମ୍ପାନୀ ଅଧିନକୁ ଯାଇ କଳ କାରଖାନା ନିର୍ମାଣରେ ବ୍ୟବହାର ହୋଇଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ତେଣୁ ୨୦୧୬ ମସିହାରୁ ଦାବି ହୋଇ ଆସୁଥିବା ଲକ୍ଷ୍ମୀଡୁଙ୍ଗୁରୀରେ ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ କରାଯାଇ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରାଯିବା ସହ ଲକ୍ଷ୍ମୀ ଡୁଙ୍ଗୁରୀର ପ୍ରକୃତିକୁ ମଧ୍ୟ ସୁରକ୍ଷିତ କରାଯାଇ ପାରିବ ବୋଲି ଭାରତୀ ସମାଜ ପକ୍ଷରୁ କୁହାଯାଇଛି । ଲକ୍ଷ୍ମୀଡୁଙ୍ଗୁରୀରେ ଗଛ ଗୁଡିକୁ କଟା ନଯାଇ ସେଠାରେ ବ୍ୟବସ୍ଥିତ ଢଙ୍ଗରେ ନୂତନ ବୃକ୍ଷରୋପଣ କରାଯାଇ ଏହାକୁ ଆହୁରି ଆକର୍ଷଣୀୟ କରାଯାଇ ପାରିବ ବୋଲି ଆଜିର ବୈଠକରେ ମତପ୍ରକାଶ ପାଇଛି । ଲକ୍ଷ୍ମୀଡୁଙ୍ଗୁରୀର ମହାନ ସାଧିକା ଲକ୍ଷ୍ମୀକରାଙ୍କ ନାମରେ ନାମିତ ହୋଇଥିବା ବିଶ୍ୱାସ ରହିଛି । ତେଣୁ ଏହା ଅଂଚଳର ଇତିହାସ ଏବଂ ସଂସ୍କୃତି ସହ ଲୋକଙ୍କ ଭାବନା ମଧ୍ୟ ଜଡିତ ରହିଛି । ତେଣୁ ଏହାର ସୁରକ୍ଷା ପ୍ରତି ବନ ବିଭାଗ ଅଧିକ ଦୃଷ୍ଟି ଦେଇ ୫୨ ନମ୍ବର ରାଜପଥରେ ସୁନ୍ଦର ଗେଟ ଲଗାଯିବା ସହ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି । ଲକ୍ଷ୍ମୀଡୁଙ୍ଗୁରୀ ଅଂଚଳର ସର୍ବବୃହତ ଶାଗୁଆନ ବଣ ରହିଛି । ପୁଣି ଲକ୍ଷ୍ମୀ ଡୁଙ୍ଗୁରୀରୁ ହୀରାକୁଦ ବନ୍ଧ ନିର୍ମାଣ ପାଇଁ ପଥର ବ୍ୟବହାର କରାଯାଇଥିଲା । ୭୫ ବର୍ଷ ପୂର୍ବରୁ ପାହାଡରୁ କଟାଯାଇଥିବା ପଥର ବର୍ତମାନ ଆକର୍ଷଣୀୟ ଦେଖାଯାଉଛି । ପୁଣି ଲକ୍ଷ୍ମୀଡୁଙ୍ଗୁରୀ ଓଡିଶାର ସର୍ବ ପୁରାତନ ମାଟି ପରିକ୍ଷା କେନ୍ଦ୍ର ରହିଥିଲା । ତେଣୁ ବିଭିନ୍ନ ଦୃଷ୍ଟୀରୁ ଲକ୍ଷ୍ମୀଡୁଙ୍ଗୁରୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ବୋଲି ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି । ଏଥିପାଇଁ ଲକ୍ଷ୍ମୀଡୁଙ୍ଗୁରୀର ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ପାଇଁ ବର୍ଷ ତମାମ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ଆଜିର କାର୍ଯ୍ୟକ୍ରମରେ ସ୍ଥିର କରାଯାଇଛି ।

# ଗ୍ରାମରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ: ଉଭୟଙ୍କ ଏତଲାକ୍ରମେ ଦୁଇଟି ମାମଲା ରୁଜୁ

ଜୟପୁର, ୯/୨ (ନି.ପ୍ର): ଜୟପୁର ସଦରଥାନା ସୌରାଗୁଡା ଗ୍ରାମ ଠାରେ ଗତକାଲି ସଂଧ୍ୟାରେ କୌଣସି ପୂର୍ବ ଶୃତତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ମାଡମରାମରି ହୋଇଥିଲେ । ଏଥିରେ ଉକ୍ତ ଗ୍ରାମର ତଳସାହିର ୧୭ ବର୍ଷର ନାବାଳକ ବିବେକ ସୌରାଙ୍କୁ ଉପର ସାହିର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ମାରଣାସ୍ତ୍ର ନେଇ ଆକ୍ରମଣ କରିଥିଲେ । ଏହିପରି ଅଭିଯୋଗକାରୀ ଏହି ଆକ୍ରମଣରେ ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ । ସେହିପରି ଅନ୍ୟପକ୍ଷରେ ପ୍ରତିପକ୍ଷଙ୍କ ପକ୍ଷରୁ ମହିଳା ଗୁରୁବାରୀ ସୌରା ଅଭିଯୋଗ କରିଛନ୍ତି ଯେ, ତଳସାହିର ବିବେକ ଏବଂ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି, ଯୁବକ ଓ ମହିଳା ମାନେ ତାଙ୍କ ଘର ଉପରେ ଆକ୍ରମଣ କରିବା ସହିତ ତାଙ୍କ ପରିବାର ଲୋକଙ୍କୁ ମାଡ ମାରିଥିଲେ ଏବଂ ତାଙ୍କ ପୁଅ ଏନ.ଏନ. ସୌରାକୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖୋଜିଥିଲେ । ସେହିପରି ଗୁରୁବାରୀ ମାଝିଙ୍କୁ ଅଭିଯୁକ୍ତ ବିବେକ ଏବଂ ଅନ୍ୟମାନେ ଶାଢୀ ଟଣାଟଣି କରିବା ସହିତ ଅଶ୍ଳିଳ ଭାଷା ଗାଳିଗୁଲଜ ସହିତ ମାଡ ମାରିଥିଲେ । ଏହିପରି ଉଭୟଙ୍କ ଏତଲାକୁ ଭିତି କରାଯାଇ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ ଅନୁଷ୍ଠାନର ବାର୍ଷିକ ଉତ୍ସବ

ବାରିପଦା, ୯/୨ (ନି.ପ୍ର): ଆଗରୁ ଚାଳ ଛପର ମାଟି କାନ୍ଥ ଘର ଶିକ୍ଷା ଅନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ଥାଇ ଭଲ ମଣିଷ ସୃଷ୍ଟି ହେଉଥିଲେ । ଏବେ କଂକ୍ରିଟ ଘରେ ବଡ ମଣିଷ ସୃଷ୍ଟି ହେଉଛନ୍ତି ସିନା ବୌଦ୍ଧିକ ସ୍ତରରେ ଭଲ ମଣିଷ ସୃଷ୍ଟି ହେବା ବିରଳ ଦେଖାଯାଉଛି । ୧୯୩୧ ମସିହାରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଶାର ପ୍ରଥମ ପୂର୍ଣ୍ଣଚନ୍ଦ୍ର ବୈଷୟିକ ଶିକ୍ଷା ତାଲିମ ଅନୁଷ୍ଠାନର ୯୬ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠାନର ଅଧକ୍ଷ




ହରିଭକ୍ତ ମହାନ୍ତଙ୍କ ସଭାପତିତ୍ୱରେ ସୋମବାର ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡା ଯୋଗଦେଇ ବୈଷୟିକ ଶିକ୍ଷା, ଚାକିରୀ ପଛରେ ନ ଗୋଡାଇ ଆତ୍ମନିର୍ଭରଶୀଳ କରାଏ କହିଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ପୂର୍ବତନ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଛୋଟ କାମକୁ ବଡ ଭାବି ଯିଏ କରେ ସେ ରଙ୍କରୁ ରାଜା ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଗଡିଆ କଲେଜର ପୂର୍ବତନ ଅଧକ୍ଷ ସନ୍ଦୀପ କୁମାର ଚାନ୍ଦ ଐତିହାସିକ ଅନୁଷ୍ଠାନଟି ଜିଲ୍ଲାପାଇଁ ଆଶାବାଡି ମନ୍ତବ୍ୟ ରଖିଥିବା ବେଳେ ପୂର୍ବତନ ଅଧକ୍ଷ ତଥା ତକତପୁର ଟିଟିଆଇର ଅଧକ୍ଷ ଇଂ କାନ୍ଦନ ମାଝୀ ଯୋଗଦେଇ ବୈଷୟିକ ଶିକ୍ଷା କାମଧେନୁ ସଦୃଶ୍ୟ ବୋଲି କହିଥିଲେ । ସଭା ଶେଷରେ ଅଧକ୍ଷ ପ୍ରଭୁଦତ୍ତ ରାଉତ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗୀତାର ସଫଳ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଅତିଥି ଗଣ ଅନୁଷ୍ଠାନ ପରିସରରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି, ମହାରାଜା ପ୍ରତାପଚନ୍ଦ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# ଉଚ୍ଚାରଣକୁ ଆଚରଣରେ ଫୁଟାଇପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ଶିକ୍ଷକ ପଦବାଚ୍ୟ : ଅଧ୍ୟାପିକା ମେରିନା

ଉଦଳା, ୯/୨ (ନି.ପ୍ର):ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ 'ସ୍ୱାଧିନତା ପରବର୍ତି ଶିକ୍ଷକ ଶିକ୍ଷାର ସ୍ଥିତି' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଆଲୋଚନାଚକ୍ରକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ବର୍ତମାନ ବିଦ୍ୟାଳୟ ଓ ଶିକ୍ଷକ, ଶିକ୍ଷୟିତ୍ରିଙ୍କ ଅଭାବ ନାହିଁ । ଏତିକିବେଳେ ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ବହୁସଂଖ୍ୟାରେ ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଯାହାକି ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପିକା ମେରିନା ପଣ୍ଡା ମଂଚ




ପରିଚାଳନା ଦାୟିତ୍ୱ ତୁଲାଇବା ସହ ଅନ୍ୟକୁ ଉପଦେଶ ଦିଆଯାଉଥିବା କଥା ଗୁଡ଼ିକୁ ନିଜେ ଆଚରଣରେ ଫୁଟାଇପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ଶିକ୍ଷକ ହେବାର ଯୋଗ୍ୟତା ହାସଲ କରିଥାନ୍ତି ବୋଲି ବକ୍ତବ୍ୟରେ କହିଥିଲେ । କପ୍ତିପଦା ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଦୁଷ୍ମନ୍ତ କୁମାର ସାହୁ ଅତିଥି ଭାବରେ ଯୋଗ ଦେଇ ବିଷୟବସ୍ତୁ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ରୀ ରାନୁ ସେନାପତି, ପୁଷ୍ପଲତା ମହାନ୍ତ , ଶ୍ରଦ୍ଧାଜଂଳି କବାଟ, ସୁଜାତା ଦେହୁରି ପ୍ରମୁଖ ନିଜ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧରେ ଅଧ୍ୟାପକ ରବିନାରାୟଣ ମହାପାତ୍ର, ରାଜକିଶୋର ବେହେରା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ଅଂଶ ଗ୍ରହଣ କରି ଖାଦ୍ୟ, ବସ୍ତ୍ର ଓ ବାସଗୃହପରେ ବଂଚି ରହିବା ପାଇଁ ଶିକ୍ଷା କିପରି ଅତ୍ୟାବଶ୍ୟକରେ ପରିଣତ ହୋଇଛି ବକ୍ତବ୍ୟ ମାଧମରେ କହିଥିଲେ ।

## ଫକୀର ମୋହନ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶୋକ ସଭା ଆୟୋଜିତ

ବାଲେଶ୍ୱର, ୯/୨ (ନି.ପ୍ର): ଫକୀର ମୋହନ ଆଲୁମ୍ନି ପକ୍ଷରୁ ଆଲିମ୍ନି କୋଠରୀରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅଲୁମ୍ନି ର ସଦସ୍ୟଙ୍କ ଦ୍ୱାରା ଆଲୁମ୍ନୀ ର ସଦସ୍ୟ ତଥା ଉପ ସଭାପତି ଅନସୂୟାଙ୍କ ଜାମାତା ସ୍ୱର୍ଗତ ଅରୁଣ କୁମାର ନାୟକଙ୍କ ୩୧ ଜାନୁଆରି ମାସ ରେ ଅକାଳ ବିୟୋଗ ହୋଇଯାଇଥିଲା ।ସେ ବୃକକ ଜନିତ ରୋଗରେ ପୀଡ଼ିତ ଥିଲେ ।ସଦସ୍ୟ ମାନେ ସ୍ୱର୍ଗତ ଅରୁଣ କୁମାର ନାୟକଙ୍କ ଆତ୍ମାର ସଦ୍ଗତି ପାଇଁ ନୀରବ ପ୍ରାର୍ଥନା ସହିତ ତାଙ୍କର ବହୁବିଧ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ। ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ପୂର୍ବକ ସମବେଦନା ଜଣାଇବା ସହିତ ସ୍ୱର୍ଗତ ଅରୁଣ କୁମାରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚ୍ଚରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଇଁ ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ, ୯/୨ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚ୍ଚରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ଉପଲକ୍ଷେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' ପରିସରରେ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ଡଃ ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, କରୁଣାକର ଉପାଧ୍ୟାୟ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ଚଳିତ ଫେବୃୟାରୀ ମାସ ୨୨ ତାରିଖରେ 'ରଜତ ଜୟନ୍ତୀ' ଉତ୍ସବ ମହାସମାରୋହରେ




ପାଳିତ ହେବାର ଧାର୍ଯ୍ୟ ହେଲା। ଉତ୍ସବକୁ ସୁରରୁ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ କମିଟି ଗଠିତ ହୋଇ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ପୂର୍ବାହ୍ନ ଅଧିବେଶନରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ବିଧିବଦ୍ଧ ଭାବେ ନିର୍ବାଚନ କରାଯିବ। ସଂଘର ୨୦୨୫ ମସିହାରେ ଅଶୀବର୍ଷ ଅତିକ୍ରମ କରିଥିବା ଓ ପୂର୍ବରୁ ସମ୍ବର୍ଦ୍ଧିତ ହୋଇନଥିବା ଆଜୀବନ ସଦସ୍ୟ ସଦସ୍ୟା, ଜଣେ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦାଦାଙ୍କ ସର୍ତ୍ତ ଅନୁସାରେ ଓ ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚ୍ଚଳିତ ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓ ବିଦ୍ୟାଳୟ ସ୍ତରରେ ଗତ ବାର୍ଷିକ ପରୀକ୍ଷାରେ ବିଶେଷ ସଫଳତା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଉତ୍ସବରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ସ୍ମରଣିକା-୨୦୨୬ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପଣ କରାଯିବ। କାର୍ଯ୍ୟକ୍ରମରେ ସମସ୍ତଙ୍କର ସାହାଯ୍ୟ, ସହଯୋଗ ଓ ଉପସ୍ଥିତି କାମନା କରାଯାଇଛି, କର୍ମଟିର ସଦସ୍ୟଙ୍କ ମାଧମରେ ସମସ୍ତ ଅଫିସ, ବ୍ୟାଙ୍କ, ଟ୍ରେଜେରୀ, ମିଡ଼ିୟା, ଭଦ୍ରକର ପ୍ରମୁଖ ସଂସ୍ଥା, ବୁଦ୍ଧିଜୀବୀ, ସଦସ୍ୟ ସଦସ୍ୟା, ବିଭିନ୍ନ ଜୋନ୍‌ର କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ ପତ୍ର ପ୍ରେରଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଅଛି। ସମ୍ବର୍ଦ୍ଧନାର ମାନପତ୍ର ପ୍ରସ୍ତୁତ ଦାୟିତ୍ୱ ହରମୋହନ କୁଅଁର ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଅଛି।

ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ କମାର ନାୟକ, ଅନାଦି ଚରଣ ଦାସ, ସ୍ନେହଲତା ବେହେରା, ଶାନ୍ତିଲତା ବାରିକ, କୈଳାଶ ଚନ୍ଦ୍ର ପଣ୍ଡା, ରମାକାନ୍ତ ନାୟକ, ପ୍ରଶାନ୍ତ କୁମାର ଦେ, ହରେକୃଷ୍ଣ ସାହୁ, ତାରକ ଦାସ ଆଢ଼୍ୟ, ଘନଶ୍ୟାମ ଲେଙ୍କା, ରାଜେନ୍ଦ୍ର କୁମାର ପାତ୍ର, ଉପେନ୍ଦ୍ର ରାଉତ, ରମେଶ ଦାସ, ବସନ୍ତ କୁମାର ସାହାଣୀ, ସୁରେଶ କୁମାର ସାହୁ, ବାଦଲ କିଶୋର ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଲକ୍ଷ୍ମଣ ମହାନ୍ତି, ବାମନ ରାଉତ, ନୃସିଂହ ଚରଣ ପଣ୍ଡା, କିଶୋର ଧଳ, କାଶୀନାଥ ପଣ୍ଡା, ଗୟାଧର ପଣ୍ଡା, ଗୋପାଳ ଚନ୍ଦ୍ର ସେଠୀ, ରମାକାନ୍ତ ଲେଙ୍କା ମୁକ୍ତିକାନ୍ତ ମହାନ୍ତି, କମଳାକାନ୍ତ ସ୍ୱାଇଁ। ଧନ୍ୟବାଦ ଅର୍ପଣ କରିଥିଲେ ମଦନ ମୋହନ ନାୟକ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟସଭା ନିର୍ବାଚନ...

ସପ୍ତାହେ ସମୟ ମାଗିଥିଲେ ପିସିସି ସଭାପତି । ହେଲେ ଡେଡଲାଇନ ସରିଯାଇଥିଲେ ବି ନବୀନଙ୍କ ଆଭିମୁଖ୍ୟ ଅସ୍ପଷ୍ଟ । ତେଣୁ ଚତୁର୍ଥ ଆସନକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ । ଏଯାଏଁ ନବୀନଙ୍କ ନୀରବ ଅବତାର ଉଭୟ କଂଗ୍ରେସ ଓ ବିଜେପିକୁ ଦୋଛକିରେ ପକାଇଛି । ଭକ୍ତଙ୍କୁ ସମୟ ନଦେଇ କଂଗ୍ରେସ ପ୍ରସ୍ତାବକୁ ପ୍ରଶ୍ନଘେରକୁ ଠେଲି ଦେଇଛନ୍ତି ବିଜେଡି ସୁପ୍ରିମୋ । ଅନ୍ୟପଟେ ପୂର୍ବରୁ ଅଯାଚିତ ଭାବେ ଆସନ ଟେକି ଦେଇଥିବା ନବୀନ ଏବେସୁଦ୍ଧା ବିଜେପିକୁ ନେଇ କାର୍ଡ ଖୋଲିନାହାନ୍ତି । ଏସବୁ ଭିତରେ କ'ଣ ରହିଛି ନବୀନଙ୍କ ପାଖରେ ବିକଳ୍ପ ? ରାଜ୍ୟସଭା ପରେ ପଞ୍ଚାୟତ ପରୀକ୍ଷାକୁ ଯିବେ ୩ ପ୍ରମୁଖ ଦଳ । ତେଣୁ ତୃଣମୁଳସ୍ତରରେ ବିଜେଡି ବଳ ହରାଉଥିବା ବେଳେ ରାଜ୍ୟସଭାକୁ ନେଇ ଭାବିଚିନ୍ତି ଗୋଟି ଚାଳନା କରୁଛନ୍ତି ନବୀନ ।

### ରାହୁଲଙ୍କୁ କହିବାକୁ ନ...

ବିର୍ଲା ପ୍ରତିଶ୍ରୁତି ଦେଇଛନ୍ତି, ବିରୋଧୀ ଦଳ ନେତା ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ ନିର୍ଦ୍ଧାରିତ ସମୟ ଅନୁଯାୟୀ ବଜେଟ ଆଲୋଚନା କିମ୍ବା ଶୂନ୍ୟ କାଳରେ ସେମାନଙ୍କର ମତାମତ ପ୍ରକାଶ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବ। ସେ ଗୁରୁତ୍ୱାରୋପ କରିଥିଲେ, ଗୃହ ନିୟମ ଓ ପ୍ରକ୍ରିୟା ଅନୁସାରେ ଚାଲିଥାଏ। ଏହାକୁ ସ୍ଲୋଗାନ ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ।

### ପୁଣି ମହାପ୍ରସାଦକୁ ...

ବିରତ ରହିବାକୁ ସଚେତନ କରାଇବା ଉଚିତ । ଏଥିପାଇଁ ପୁରୀରେ ଥିବା ହୋଟେଲ ମାନଙ୍କରେ ଗାଇଡ ଲାଇନ ଆଣିବା ପାଇଁ ସାଧାରଣରେ ଦାବି ହୋଇଛି । ହୋଟେଲରେ ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ କରିବା ଭଳି ପରମ୍ପରା ବିରୋଧୀ କାର୍ଯ୍ୟ କଲେ ସମ୍ପୃକ୍ତ ହୋଟେଲ ବିରୁଦ୍ଧରେ କାର୍ଯ୍ୟ ଅନୁଷ୍ଠାନ ପାଇଁ ଦାବି କରାଯାଇଛି ।

### ଚକୋଲେଟ୍ ଡେ'ରେ ...

ସତ୍ୟବ୍ରତ ଦେଇଥିବା ଚକୋଲେଟର ଫଟୋକୁ ନିଜର ଷ୍ଟାଟସ ବି ରଖିଥିଲେ। ଯାହାକୁ ନେଇ ରକ୍ତମୁଖା ହୋଇପଡ଼ିଲା ଦିନେଶ। ଘଟଣାସ୍ଥଳରେ ଅର୍ଥାତ ଲିଭ୍ଇନ୍‌ରେ ରହୁଥିବା ଘରେ ପହଞ୍ଚି ନିଜ ପ୍ରେମିକା ସହ ସତ୍ୟବ୍ରତଙ୍କୁ ଦେଖିଥିଲା । ଆଉ ତା ପରେ ଛୁରି ଭୁସି ଭୁସି ସତ୍ୟବ୍ରତଙ୍କୁ ହତ୍ୟା କରିଥିବା ପ୍ରେମିକା ଜଣକ ଜଣାଇଛନ୍ତି। ପ୍ରେମିକାକୁ ଅଟକ ରଖି ଝାଳବୁହା ଜେରା ଚଳାଇଛି ଚନ୍ଦ୍ରଶେଖରପୁର ପୁଲିସ । ସକାଳୁ ସକାଳୁ ଶିଶୁଭବନ ଛକରେ ଏକ କାର୍ ବ୍ରିଜ୍ ତଳକୁ ଖସିପଡ଼ିଥିଲା। ଯେଉଁ କାରର ଚାଳକ ଥିଲେ ସତ୍ୟବ୍ରତ। ଗାଡ଼ିଟି ହତ୍ୟାକାଣ୍ଡ ପୂର୍ବରୁ କ୍ରାଇମ୍ ସିନ୍‌ରେ ଥିଲା। ହେଲେ ଗାଡ଼ିଟିକୁ କିଏ ଓ କାହିଁକି ଫେରାର କରିବାକୁ ଯୋଜନା କରିଥିଲା ତାକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି । ଗାଡ଼ିରେ ଥିବା ଚାଳକଙ୍କୁ କ୍ୟାପିଟାଲ ଥାନାରେ ଅଟକ ରଖାଯାଇଛି। ଘଟଣାସ୍ଥଳରେ ଲାଗିଥିବା ସିସିଟିଭିକୁ ନେଇ ଛାନଭିନ୍ ଚଳାଇଛି ପୁଲିସ।

### ସପ୍ତାହ ପରେ ମାଟ୍ରିକ ଓ ଯୁକ୍ତ ଦୁଇ...

ପ୍ରଶ୍ନପତ୍ରର ସୁରକ୍ଷା ପାଇଁ କଡ଼ା ସୁରକ୍ଷା ବଳୟ ମଧରେ ନୋଡାଲ ସେଣ୍ଟରକୁ ଯିବ । ପ୍ରଶ୍ନପତ୍ରକୁ ସୁରକ୍ଷିତ ରଖିବା ଲାଗି ୩୨୨ଟି ନୋଡାଲ ସେଣ୍ଟର କରାଯାଇଛି । ସମସ୍ତ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ପରୀକ୍ଷା ସମୟରେ ଲାଇଭ ଷ୍ଟ୍ରିମିଂର ବ୍ୟବସ୍ଥା କରାଯିବ । ସେହିପରି ସ୍ୱଚ୍ଛ ଓ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି ଉଚ୍ଚ ସାଧମିକ ଶିକ୍ଷା ପରିଷଦ । ଏଥିସହ କେମିତି ପ୍ରଶ୍ନ ପତ୍ର ସୁରକ୍ଷିତ ଭାବେ ରଖାଯିବ ଓ ପରୀକ୍ଷାକେନ୍ଦ୍ରରେ ପହଁଚାଯିବ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରଯାଇଛି । ପ୍ରଥମ ଥର ପାଇଁ ଏଆଇ ନଜରରେ ରହିବ ପରୀକ୍ଷା ପରିଚାଳନା ହବ୍ ।

### ବେଙ୍ଗଲକୁ ସତର୍କ କରାଇଲେ...

ହ୍ୱାଟସଆପରେ ଜାରି କରାଯାଉଥିବା ଅଫିସିଆଲ ନିର୍ଦ୍ଦେଶକୁ ଶେଷ କରି ଏସ୍ଆଇଆର ପ୍ରକ୍ରିୟାରେ ପରିବର୍ତ୍ତନ କରିବା ଦାବି ନେଇ ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସମସ୍ତ ନିର୍ଦ୍ଦେଶ ପୁନଃ ବିଧିବଦ୍ଧ ଜାରି କରାଯାଉ ଓ ଭାରତୀୟ ନିର୍ବାଚନ କମିଶନଙ୍କ ୱେବସାଇଟରେ ଏହାକୁ ଅପଲୋଡ କରାଯାଉ। ସେହିପରି ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ହଟାଇ ୮,୫୦୫ ଗ୍ରୁପ ବି ଅଫିସରଙ୍କୁ ସେମାନଙ୍କ ସ୍ଥାନରେ ନିଯୁକ୍ତି ଦେବାକୁ ସେ ଦାବି କରିଥିଲେ। ଏହି ପ୍ରସଙ୍ଗର ଶୁଣାଣି ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ କରିଛନ୍ତି। ଏହି ଖଣ୍ଡପୀଠରେ ଜଷ୍ଟିସ ଜୟମଲୟ ବାଗଚି ଓ ଜଷ୍ଟିସ ଏନଭି ଅଞ୍ଜାରିଆ ମଧ ରହିଛନ୍ତି। ଖଣ୍ଡପୀଠ କହିଛନ୍ତି, "ଆମେ ସବୁ ପ୍ରକାରର ବାଧାବିଘ୍ନକୁ ହଟାଇବୁ। କିନ୍ତୁ ଏସ୍ଆଇଆର ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଆମେ ଅନୁମତି ଦେବୁ ନାହିଁ। ଏହାକୁ ସମସ୍ତେ ଭଲ ବିଶେଷ କରି ସବୁ ରାଜ୍ୟ ସରକାରମାନେ ବୁଝି ନିଅନ୍ତୁ।" ନିର୍ବାଚନ କମିଶନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଡିଏସ୍ ନାଇଡୁ ଶୁଣାଣି ବେଳେ ନିର୍ବାଚନୀ ପଞ୍ଜିକରଣ ଅଫିସରଙ୍କ ନିଯୁକ୍ତିକୁ ନେଇ ଗୁରୁତ୍ୱର ଚିନ୍ତା ପ୍ରକଟ କରିଛନ୍ତି। ତାଙ୍କ କହିବା କଥା ଯେ ନିର୍ବାଚନୀ ପଞ୍ଜିକରଣ ଅଫିସରମାନେ ଅର୍ଦ୍ଧ ନ୍ୟାୟିକ କାର୍ଯ୍ୟ କରୁଛନ୍ତି। ତେଣୁ ସେମାନଙ୍କ ପାଖରେ ଏହାର ଉପଯୁକ୍ତ ଅଭିଜ୍ଞତା ରହିବା ଦରକାର।

# ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦିବେଦ୍ୱୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ କବି ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର। ସରପଞ୍ଚ ବାସନ୍ତୀ ଜେନା, ସମିତି ସଭ୍ୟା



ମାମା ମହାଳିକ, ବଳରାମ ବେହେରା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ସମସ୍ତ ଅତିଥି ଶିକ୍ଷା ସାହିତ୍ୟ ଧର୍ମ କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଶିକ୍ଷକ ମୁକ୍ତିକାନ୍ତ ବେହେରା ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଓଏଲ୍ଏମ୍ କର୍ମଚାରୀ ସ୍ୱାମୀଙ୍କ ନାମରେ ଗ୍ରୁପ୍ ଲୋନ୍ ଟଙ୍କା ଆତ୍ମସାତ୍ ଅଭିଯୋଗ: ବିଡ଼ିଓ ଓ ବିପିଏମ୍‌ଙ୍କ ଦ୍ୱାରସ୍ଥ ହେଲେ ଗ୍ରୁପର ମହିଳା

ଜଳେଶ୍ୱର, ୯/୨ (ନି.ପ୍ର): ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଝାଳବୁହା ଧନକୁ ହରିଲୁଟ୍ କରିବା ଭଳି ଏକ ସମ୍ବେଦନଶୀଳ ଘଟଣା ଜଳେଶ୍ୱର ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ଜୀବିକା ମିଶନ (ଡଖଗ)ର ଜଣେ କର୍ମଚାରୀଙ୍କ ସ୍ୱାମୀ ଏକ ମହିଳା ଗୋଷ୍ଠୀର ଲକ୍ଷାଧିକ ଟଙ୍କା ନେଇ ଆଉ ଫେରାଉ ନଥିବା ଅଭିଯୋଗ ହୋଇଛି ।ଏହି ଘଟଣାକୁ ନେଇ ମହମ୍ମଦ ନଗର ପାଟଣା ପଞ୍ଚାୟତର ମହିଳାମାନେ ଆଜି ଜଳେଶ୍ୱର ବିପିଏମ୍ ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।ସୂଚନା ଅନୁସାରେ ମହମ୍ମଦ ନଗର ପାଟଣା ପଞ୍ଚାୟତ ଚାଲନ୍ତି ଗ୍ରାମର 'ମା' ଭବାନୀ ସହାୟକ ଏସଏଚଜି' ଗୋଷ୍ଠୀ ୨୦୨୦ ମସିହାରେ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କାର



ଋଣ ନେଇଥିଲେ ।ସେହି ସମୟରେ ପଞ୍ଚାୟତର ଏମବିକେ ଙ୍କ ସ୍ୱାମୀ ନିଜ ବ୍ୟବସାୟରେ ଲଗାଇବା ପାଇଁ ସିଆରପି ଙ୍କ ଜରିଆରେ ଗୋଷ୍ଠୀର ମହିଳାଙ୍କୁ ଅନୁରୋଧ କରିଥିଲେ। ସରଳ ବିଶ୍ୱାସରେ ମହିଳାମାନେ ଋଣ ଅର୍ଥରୁ ୨ ଲକ୍ଷ ଟଙ୍କା ତାଙ୍କୁ ପ୍ରଦାନ କରିଥିଲେ ।ଟଙ୍କା ନେବା ସମୟରେ ୧୧ ମାସ ମଧରେ ସମସ୍ତ ଅର୍ଥ ଫେରସ୍ତ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ ।ମାତ୍ର ଦୁଃଖର ବିଷୟ,ଇତିମଧରେ ୬ ବର୍ଷ ବିତିଯାଇଥିଲେ ମଧ ସେ ଟଙ୍କା ଫେରାଉ ନାହାନ୍ତି ।ଗୋଷ୍ଠୀର ସଭାପତି ସୁଭଦ୍ରା ଗିରି ଓ ସମ୍ପାଦିକା ପ୍ରିୟଙ୍କା ଦଣ୍ଡପାଟଙ୍କ ନେତୃତ୍ୱରେ ସଂଘମିତ୍ରା ଦଣ୍ଡପାଟ, ସରସ୍ୱତୀ ପ୍ରାମାଣିକ, ଗୌରୀବାଳା ଦଣ୍ଡପାଟ, ଗୀତାଞ୍ଜଳି ଦଣ୍ଡପାଟ, ଗୀତା ପ୍ରାମାଣିକ, ଆରତୀ ଦଣ୍ଡପାଟ,ଜୟନ୍ତି ଦଣ୍ଡପାଟ ଓ ମୈତ୍ରୀ ଦଣ୍ଡପାଟ ପ୍ରମୁଖ ଏକତ୍ରିତ ହୋଇ ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।ଏହି ସମ୍ପର୍କରେ ଓଏଲ୍ଏମ୍‌ର ବ୍ଲକ୍ ପ୍ରୋଜେକ୍ଟ ଅଫିସର ନିହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,ଅଭିଯୋଗକୁ ଭିତ୍ତି କରି ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଇଛି ।ସେ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଯଦି ଧାର୍ଯ୍ୟ ସମୟ ମଧରେ ଟଙ୍କା ଫେରସ୍ତ ନ ମିଳେ ତେବେ ମହିଳାମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଆସନ୍ତା ୧୨ ତାରିଖ ଶ୍ରମିକ ସଂଗଠନମାନଙ୍କ ମିଳିତ ମଞ୍ଚ ଆହ୍ୱାନରେ ଦେଶବ୍ୟାପୀ ଧର୍ମଘଟ ବାଲେଶ୍ୱରରେ ସଫଳ ପାଇଁ ବୈଠକ

ବାଲେଶ୍ୱର, ୯/୨ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ଆହ୍ୱାନରେ ଦେଶବ୍ୟାପୀ ଆସନ୍ତା ୧୨ ତାରିଖ ସାଧାରଣ ଧର୍ମଘଟକୁ ବାଲେଶ୍ୱରରେ ସଫଳ ପାଇଁ ଶ୍ରମଜୀବୀ ଜନଗଣଙ୍କୁ ଶ୍ରମିକ କର୍ମଚାରୀମାନଙ୍କ ମିଳିତ ମଞ୍ଚ ଟିୟୁଏସିସି ପକ୍ଷରୁ ନିବେଦନ କରାଯାଇଛି। ରବିବାର ସନ୍ଧ୍ୟାରେ ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧକ୍ଷ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ସାଧାରଣ ଧର୍ମଘଟ (ଭାରତ ବନ୍ଦ)କୁ ବାଲେଶ୍ୱରରେ ସଫଳ କରିବା ପାଇଁ ମାଇକ୍ ପ୍ରଚାର, ପଥପ୍ରାନ୍ତ ସଭା ଓ ଆସନ୍ତା ୧୧



ତାରିଖ ବୁଧବାର ଅପରାହ୍ଣରେ ସହରରେ ମୋଟର ସାଇକେଲ ଶୋଭାଯାତ୍ରା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେନ୍ଦ୍ର ସରକାରଙ୍କ ସମସ୍ତ ସଂସ୍ଥା, ରେଳ, ଡାକ, ବୀମା, ବ୍ୟାଙ୍କ, ପ୍ରତିରକ୍ଷା ସମେତ ରାଜ୍ୟ ସରକାରୀ ଅଫିସ୍ ଦପ୍ତର, କୋର୍ଟ କଚେରୀ, ପରିବହନ, ଗାଡ଼ି ମୋଟର, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସମସ୍ତ ଶିଳ୍ପ, କଳକାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖି ଡବଲ ଇଞ୍ଜିନ୍ ସରକାରଙ୍କ ଜନଗଣ ବିରୋଧି ଆଇନ୍ ଓ ନୀତିକୁ ବିରୋଧ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ଏହି ଆନ୍ଦୋଳନରେ ସମସ୍ତ ଅତ୍ୟାବଶ୍ୟକ ଜରୁରୀ ସଂସ୍ଥାକୁ ବନ୍ଦରୁ ବାଦ୍ ଦିଆଯାଇଛି ବୋଲି ଟିୟୁଏସିସି ପକ୍ଷରୁ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏହି ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ପକ୍ଷରୁ ଭାଗବତ ପ୍ରତିହାରୀ, ଶ୍ୟାମ ସୁନ୍ଦର ଜେନା, ପ୍ରଶାନ୍ତ ଦାସ, ସର୍ବେଶ୍ୱର ମିଶ୍ର, ଜୀବନ ବାରିକଙ୍କ ସମେତ ଟିୟୁଏସିସିର ସଂପାଦକ ତଥା ବୈଠକର ଆବାହକ ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା, ବନ୍ଦନା ବିଶ୍ୱାସ, ଜଗଦୀଶ ବେହେରା, ତୁଷାରକାନ୍ତି ମହାପାତ୍ର, ଭରତ ଚନ୍ଦ୍ର ସେଠୀ, ଯତୀନ୍ ପାତ୍ର, ସନାତନ ଦାସ, ହରେକୃଷ୍ଣ ଚାନ୍ଦ, ଶରତ ଚନ୍ଦ୍ର ଦଳାଇ ଓ ଦିବାକର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି



# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୪୬୭ ଆବେଦନ ପଞ୍ଜିକୃତ

ବାଲିଆପାଳ , ୯/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋମବାର ଚତୁର୍ଦ୍ଦଶ ପର୍ଯ୍ୟାୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୬୭ ଟି ଆବେଦନ ପଞ୍ଜିକୃତ ହୋଇଥିଲା। ଚକ୍ଷୁ ବିଭାଗରେ ୯୦ ଜଣ, ମାନସିକ ବିଭାଗରେ ୭୮ଜଣ, ଅସ୍ଥିଶଲ୍ୟ ୨୯୯ ଜଣ ଙ୍କୁ ପରୀକ୍ଷା କରାଯାଇଛି ।ଚକ୍ଷୁ ବିଶେଷଜ୍ଞ ଡାକ୍ତର ପିୟୁଷ ପ୍ରକାଶ ମହାପାତ୍ର, ଅସ୍ଥିଶଲ୍ୟର ନିର୍ମାଲ୍ୟ ମହାପାତ୍ର, ରାଧାପ୍ରାସାଦ ମିଶ୍ର, ମାନସିକ ବିକୃତ ବିଶେଷଜ୍ଞ ବ୍ରଜ କିଶୋର ଗିରି , ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରିଥିଲେ। ଏହି ଶିବିରେ ବସ୍ତା ବିଧାୟିକା ସୁବାସିନି ଜେନା, ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଟାଟା ଷ୍ଟିଲ ପକ୍ଷରୁ ଏବଂ ବାଲିଆପାଳରେ ଶ୍ରଦ୍ଧା ମହିଳା ସଂଗଠନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା।



# ଫେବୃଆରୀ ୧୨ ଭାରତ ବନ୍ଦକୁ ସଫଳ କରିବା ପାଇଁ ଟ୍ରେଡ ୟୁନିୟନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ତିହିଡିରେ ସଭା



ଭଦ୍ରକ /ତିହିଡି, ୯/୨ (ନି.ପ୍ର):୨୬ ଶ୍ରମିକ ବିରୋଧୀ ୪ ଟି ଶ୍ରମ କୋର୍ଡ ବାତିଲ କରିବା, କୃଷିଜାତ ସାମଗ୍ରୀର ଏମ୍ ଏସ୍ ପି ଯୁକ୍ତ ଆଇନ ପ୍ରଣୟନ କରିବା, ଭିଜିଜି ରାମଜୀ ଆଇନ ବାତିଲ କରିବା, ବିଦ୍ୟୁତ୍ ସଂଶୋଧନ ବିଲ-୨୦୨୫ ବାତିଲ କରିବା, ବିହନ ବିଲ୍-୨୦୨୫ ବାତିଲ କରିବା, ଯୁକ୍ତରାଷ୍ଟ୍ର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ବାତିଲ କରିବା ଆଦି ଦାବି ନେଇ ଆସନ୍ତା ଫେବୃଆରୀ ୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ । ଏହି ବନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ତିହିଡି ଡାକ ବଙ୍ଗଳା ଛକରେ ସିଆଇଟିୟୁ ତିହିଡି ବ୍ଲକ ସଭାପତି ବିଷ୍ଣୁ ଦାଶଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଓଡିଶା କୃଷକ ସଭା ପୂର୍ବତନ ଜିଲ୍ଲା ସଭାପତି ନିରଞ୍ଜନ ପାଣି, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ୟୁଟିୟୁସି ଜିଲ୍ଲା ସଭାପତି ରାମଚନ୍ଦ୍ର ଶଙ୍ଖୁଆ, ଓଡିଶା କୃଷକ ସଭା ତିହିଡି ବ୍ଲକ ସଭାପତି ଭାଗବତ ସେନାପତି, ଓଡିଶା କୃଷକ ସଭା ତିହିଡି ବ୍ଲକ ସଂପାଦକ ଜ୍ୟୋତି ର୍ମୟ ମଲିକ୍, ଆଇନଜୀବୀ ଧନେଶ୍ୱର ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ପୂର୍ବତନ ବ୍ଲକ ସଂପାଦକ ନିର୍ମଳ ଦଳେଇ, କୃଷକ ନେତା କୃଷ୍ଣଚନ୍ଦ୍ର ମଲିକ, ସତ୍ୟବ୍ରତ କୁଣ୍ଡ, ଶ୍ରୀଧର ଜେନା, ପିତାମ୍ବର ମଲିକ୍, ଯୁବନେତା ଅଭିମନ୍ୟୁ ମହାଳିକ, ଲକ୍ଷ୍ମୀକାନ୍ତ ଦାସ, ବିଭିଷଣ ଦାସ ପ୍ରମୁଖ ବକ୍ତବ୍ୟ ରଖି ଫେବୃଆରୀ ୧୨ ଭାରତ ବନ୍ଦକୁ ତିହିଡି ଅଞ୍ଚଳରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ।

# ପାଣିରେ ପଡି ଶିଶୁ ମୃତ



ଖଇରା, ୯/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ସୁଜାଗଡ ଗ୍ରାମର ସୁରେନ୍ଦ୍ର ବେହେରାଙ୍କର ୮ବର୍ଷର କନ୍ୟା କାଜଲ ପାଣିରେ ବୁଡି ପ୍ରାଣ ହରାଇଛନ୍ତି । ରବିବାର ଅପରାହ୍ନରେ କାଜଲ ଖେଳୁଥିବା ବେଳେ ଅନ୍ୟ ମନସ୍କ ହୋଇ ପୋଖରୀ ହୁଡାରୁ ଖସିପଡି ବୁଡି ଯାଇଥିଲେ । ଖୋଜାଖୋଜି ପରେ ତାଙ୍କୁ ପାଣିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ପାରାଦୀପରେ ହିନ୍ଦୁ ସମ୍ମିଳନୀ ଆୟୋଜିତ




ପାରାଦୀପ, ୯/୨ (ନି.ପ୍ର): ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା ଉଦ୍ଦେଶ୍ୟରେ ହିନ୍ଦୁ ସମାଜ ପକ୍ଷରୁ ପାରାଦୀପର ମଧୁବନ ଜଗନ୍ନାଥ କଲୋନୀ ଠାରେ ଏକ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଥିଲା। ଆୟୋଜିତ ଏହି ହିନ୍ଦୁ ସମ୍ମିଳନୀରେ ଯଜ୍ଞ, ହନୁମାନ ଚାଳିଶା ପାଠ ଓ ଗାୟତ୍ରୀ ସଂଗଠନ ଦ୍ୱାରା ଗାୟତ୍ରୀ ମନ୍ତ୍ର ପାଠ ସହିତ ସନ୍ଧ୍ୟାରେ ଦୀପ ଦାନ ଓ ଗାୟତ୍ରୀ ଭଜନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ (ଆରଏସଏସ) ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଆରଏସଏସ ଓଡିଶା ବିଭାଗ ବୌଦ୍ଧିକ ପ୍ରଚାରକ ବିଜୟ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଧୀର ପ୍ରସାଦ ନନ୍ଦ, ବିଶ୍ୱହିନ୍ଦୁ ପରିଷଦ ପୂର୍ବ ଓଡିଶାର ଧର୍ମ ପ୍ରଚାରକ ପ୍ରମୁଖ ଓ ଗାୟତ୍ରୀ ସଂଗଠନର ପ୍ରସନ୍ନ ରାଉତରାୟ ଓ ଜଗନ୍ନାଥ କଲୋନୀର ମୁରବି ସୁବଳ ଦାସ, ଆରଏସଏସ ଜିଲ୍ଲା ପ୍ରମୁଖ ବାବାଜୀ ଚରଣ ବେହେରା ପ୍ରମୁଖ ଯୋଗଦେଇ ହିନ୍ଦୁମାନେ ଏକ ହେବା ପାଇଁ ଆହ୍ୱାନ ଦେଇଥିଲେ । ନିଜ ପିତା ମାତାଙ୍କୁ ବୃଦ୍ଧ ସମୟରେ ଜରାଶ୍ରମକୁ ନ ଛାଡି ସେମାନଙ୍କ ସେବା କରିବା ଓ ଜନ୍ମଦିନରେ କେକ କାଟି ମହମବତୀ ନଲଗାଇ ଦୀପ ଜାଳି ଜନ୍ମଦିନ ପାଳନ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ଅନ୍ୟ ବକ୍ତାମାନେ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ଶାରୀରିକ ପ୍ରମୁଖ ହଟ କିଶୋର ସେଠି, ଗଜେନ୍ଦ୍ର ଗୁରୁଜୀ, ରୋଶନ ସାହାଣୀ, ସାରଦା ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଜଗନ୍ନାଥ କଲୋନୀର ସମସ୍ତ ବାସିନ୍ଦା ଓ ୬ଟି ୱାର୍ଡର ବହୁ ଜନସାଧାରଣ ଯୋଗ ଦେଇଥିଲେ।

# ଲିଙ୍ଗରାଜ ମନ୍ଦିର ଜାଗର ପ୍ରସ୍ତୁତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୯/୨ (ନି.ପ୍ର): ଲିଙ୍ଗରାଜ ମନ୍ଦିର ଜାଗର ପ୍ରସ୍ତୁତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ । ଲୋକସେବା ଭବନର ଆଇନ ବିଭାଗର ସମ୍ମିଳନୀ କକ୍ଷରେ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି । ସହର ସାରା ଆଧାତ୍ମିକତା ପରିବେଶ ସୃଷ୍ଟି ହେବ। ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି ସଠିକ୍ ସମୟରେ କରାଯିବା ଉପରେ ଆଜିର ବୈଠକରେ ଆଲୋଚନା ହୋଇଛି।

# ନୀଳମଣି କଲେଜରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ




ବସ୍ତା , ୯/୨ (ନି.ପ୍ର): ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ବେହେରା ଅଧକ୍ଷତା କରିଥିଲେବ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଚଳିତ ଫେବୃୟାରୀ ମାସ ୧୧ ତାରିଖରେ ଉଦଘାଟିତ ହୋଇ ୧୪ ତାରିଖରେ ଉଦଯାପିତ ହେବ । ଆସନ୍ତା ଫେବୃୟାରୀ ମାସ ୧୧ ତାରିଖ ଦିନ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ ଏବଂ ୧୨ ତାରିଖ ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଅଧକ୍ଷ ଶ୍ରୀଯୁକ୍ତ ବେହେରା ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକା ସ୍ମୃତିସୌରଭ ଓ କଲେଜ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁଧୀର କୁମାର ଦତ୍ତ, ଲକ୍ଷ୍ମୀ ବାସନ୍ତୀ ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ଅମର କୁମାର ପାଲ, ସମାଜ ସେବୀ ମନୋରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଅଧ୍ୟାପକ ଚନ୍ଦନ କୁମାର ଦାସ, ରଶ୍ମିତା ମହାପାତ୍ର, ହରେନ୍ଦ୍ର ଗାଣ ପ୍ରମୁଖ ପରିଚାଳନା କରିଥିଲେ । ପୁରାତନ ଛାତ୍ର ସଂସଦର ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନୋଷ୍ଟ୍ରେଟର ବାସନ୍ତୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାରକେଶ୍ୱର ଯଜ୍ଞ ମହୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ

ଖଇରା, ୯/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତର ଶିରିପୁର-ବାସିନ୍ଦିପୁର ଠାରେ ବାବା ତାରକେଶ୍ୱର ଯଜ୍ଞ ମହୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ରବିବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ପୂର୍ବାହ୍ନରେ ତାରକେଶ୍ୱରଙ୍କ ଜଳାଭିଷେକ ପରେ ସଂଧ୍ୟାରେ ମହୋତ୍ସବ ତଥା ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଯୁବନେତା ତଥା ଭାଜପା ରାଜ୍ୟ ପରିଷଦ ସଦସ୍ୟ ଇଂ ରାଜେଶ ମହାକୁଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବଶକ୍ତି ଦେଶର ମେରୁଦଣ୍ଡ ଏବଂ ଯୁବଶକ୍ତି ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହିଥିଲେ । ତୁଡିଗଡିଆ ଜୋନର ମଣ୍ଡଳ ସଭାପତି ମାନସ କୁମାର ମୁଦୁଲି,ଏକ ଚ୍ୟାନେଲର ପରିଚାଳନା ମୁଖ୍ୟ ବସନ୍ତ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସୋର ତ୍ରିବେଣୀ କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଧାରବାହିକ ନିର୍ଦ୍ଦେଶକ ବି ମହାନ୍ତି,ସାନୁ ପାଣି, ଚିତ୍ରଉତ୍ତୋଳକ ସଞ୍ଜୟ ପ୍ରଧାନ,ନାରାୟଣ ସାହୁ, ସତ୍ୟନାରାୟଣ ମହାନ୍ତି ତଥା ବିଭିନ୍ନ ଧାରାବାହିକ ଅଭିନେତ୍ରୀ ଅଭିନେତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟି ସଭାପତି ଶଶିକାନ୍ତ ବେହେରା,ସମ୍ପାଦକ ମୁକ୍ତିକାନ୍ତ ପାଢୀ, ବୈଦ୍ୟନାଥ ସାମଲ, ରାଧାକାନ୍ତ ସାମଲ, ଦାମୋଦର ସାହୁ, ପାଣ୍ଡବ ବେହେରା, ରତିକାନ୍ତ ବେହେରା, ପବିତ୍ର ବେହେରା, ସନାତନ ସାହୁ,ରବିନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

LOST

I Sudhansu Sekhar Bera, Son of Gunadhar Bera, Dublagadi, P.S.- Basta, Balasore do hereby declare that I have lost/ misplaced my LIC policy bond bearing no- 586441868. I have searched for the same but have not been able to found it. If anyone finds it kindly inform me in the above mentioned address.

Sudhansu Sekhar Bera

# ରେମୁଣାଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ରେମୁଣା, ୯/୨ (ନି.ପ୍ର): ଆଜି ଦିବା ଘ.୧୦ଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ରେମୁଣା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୫୨ ଜଣ ଅଭିଯୋଗକାରୀ ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ୫୧ ଗୋଟି ବ୍ୟକ୍ତିଗତ ଏବଂ ୧ ଗୋଟି ସାମୂହିକ ସମ୍ପର୍କିତ ଥିଲା । ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ, ଜିଲ୍ଲା ପରିଷଦ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଲଗାତାର କୁଲଡିହା ବନବିଭାଗକୁ ସଫଳତା: ମହିଳା କାର୍ପେଟଦାର ସହ ତିନି ଗିରଫ




ନୀଳଗିରି , ୯/୨ (ନି.ପ୍ର): ବାଲେଶ୍ୱର ବନଖଣ୍ଡ ଅଧୀନସ୍ଥ ଏକମାତ୍ର ଅଭୟାରଣ୍ୟ କୁଲଡିହା ଅଞ୍ଚଳରେ ବୃଦ୍ଧିପାଇଥିବା ବନ୍ୟଜନ୍ତୁ ଶିକାର ଏବଂ ଦେହାବଶେଷ ତସ୍କରୀକୁ ରୋକଦେବା ସହ ଶିକାରୀ ଓ ବେପାରୀମାନଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଉଛି । ତେବେ ଏହି ଦେହାବଶେଷ ରାକେଟକୁ ୧୭କେ ୨୦୨୫/୨୬ରେ ସ୍ୱତନ୍ତ୍ର ମାମଲା କରାଯାଇ ଏହି ଘଟଣାରେ ଆଜିସୁଦ୍ଧା ମୋଟ ୧୪ଜଣକୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ବନ୍ୟଜନ୍ତୁ ଶିକାର ନିୟମରେ ମାମଲା ରୁଜୁ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସିଏଫ୍‌ଓ ତଥା କୁଲଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବାରମ୍ବାର ବନାଞ୍ଚଳ ଆଖପାଖ ଅଞ୍ଚଳରେ ଚଢାଉ ଜାରିରହିଥିବା ବେଳେ ଆଜି ଜଣେ ମହିଳାଙ୍କ ସମେତ ଅନ୍ୟଦୁଇଜଣ ପୁରୁଷ ଦେହାବଶେଷ ବେପାରୀଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୩୦ଟି ବଜ୍ରକାପ୍ତା କାତି, ୪ଟି ମୋବାଇଲ ଜବଦ କରାଯାଇଛି । ଜାନୁଆରୀ ୨୨ତାରିଖ ଠାରୁ ଉକ୍ତ ଘଟଣାକୁ ସ୍ୱତନ୍ତ୍ର ରେଜିଷ୍ଟ୍ରିଭୁକ୍ତ କରାଯାଇ ତଦନ୍ତ ଚାଲୁରହିଛି ।ଗତ ଫେବୃଆରୀ ୩ତାରିଖରେ ଏହି ଘଟଣାରେ ୬ଜଣକୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ସହକାରୀ ଶିକ୍ଷକଙ୍କ ସଂପୃକ୍ତି ଥିବାବେଳେ ଆଜି ଗିରଫହୋଇଥିବା ୩ଜଣ ବନ୍ୟଜନ୍ତୁ ଦେହାବଶେଷ ବେପାରୀଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସଂପୃକ୍ତି ଥିବା ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି । ମହିଳାଜଣକ ଉକ୍ତ ଘଟଣାର କିଙ୍ଗପିନ୍ ବନବିଭାଗ କହୁଥିବା ବେଳେ ସରକାରୀ ଚାକିରିଆ, ମହିଳା ଏହି ଘଟଣାରେ ଗିରଫହେବା ପଛରେ ରାକେଟର ଗଭୀରତା କେତେ ତାହା ବିଚାର୍ଯ୍ୟ। ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟିନହେବା ପାଇଁ ସମସ୍ତ ଅଭିଯୁକ୍ତଙ୍କ ନାମ ଏବଂ ଠିକଣା ଗୋପନ ରଖାଯାଇଥିବା ବନବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

# ଜିଲ୍ଲା ପ୍ରଶାସନର ଗଡମାଣତିରି ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି

ଖୋର୍ଦ୍ଧା , ୯/୨ (ନି.ପ୍ର): ଆଜି ଜିଲ୍ଲାପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୁଲ୍ୟରେ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗଡମାଣତିରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନଶୁଣାଣୀ ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ,ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମାଙ୍କ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ବେଗୁନିଆ ପଂଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ବ୍ଲକ୍ ଉନ୍ନୟନ ଅଧିକାରୀ, ବେଗୁନିଆ, ସନ୍ତୋଷ କୁମାର ଜେନା, ତହସିଲଦାର, ବେଗୁନିଆ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୬୬ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୬ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୨୦ ଗୋଟି ଅଭିଯୋଗ ଆସିଥିଲା । ଶିବିରରେ ତତ୍କାଳ ୦୬ ଗୋଟି ଅଭିଯୋଗ ର ସମାଧାନ କରାଜାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ସିମୁଳିଆରେ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ

ଖଇରା, ୯/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆ ଭଗବତୀ ବିହାର ଆଶ୍ରମ ପରିସରରେ ୨ଦିନିଆ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଶୁଭାରମ୍ଭ ହୋଇ ଯାଇଛି । ରବିବାର ସଂଧ୍ୟାରେ ଋଷିପୁତ୍ର ମାନଙ୍କୁ ସ୍ୱାଗତ ଓ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯାଇଥିଲା । ସୋମବାର ଅନାମ ଚରଣ ପଣ୍ଡାଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ ପରେ ମଶାଲ ଓ କଳସ ଶୋଭାଯାତ୍ରା ଶୁନ୍ୟମଣ୍ଡପରୁ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । ସଂଧ୍ୟାରେ ଅଗ୍ନି ସ୍ଥାପନ ଓ ପାରାଦ୍ୱୀପରୁ ଆସିଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ କୁମାର ମହାନ୍ତି ଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida